



# ସ୍ମାର୍ଟସିଟିରେ 'ୱାଇଫାଇ' ସାତସପନ






■ ୬ ବର୍ଷ ତଳେ ଶୁଭାରମ୍ଭ; ୬ ମାସ ବି ମିଳିଲାନି
■ ମାଗଣା ୱାଇଫାଇ କଥା ଲୋକେ ଭୁଲିଗଲେଣି

ଭୁବନେଶ୍ୱର, ୨୭ ।୫(ସମିସ)

୬ବର୍ଷ ତଳୁ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ କର୍ତ୍ତୃପକ୍ଷ ରାଜଧାନୀରେ ୱାଇଫାଇ ସେବା ଆରମ୍ଭ କରିଥିଲେ। ସେତେବେଳେ କୁହାଗଲା ପୂରା ଭୁବନେଶ୍ୱରରେ ଲୋକଙ୍କୁ ମାଗଣାରେ ୱାଇଫାଇ ମିଳିବ। ମାଗଣାରେ ବି ପ୍ରତିଦିନ ୩୦ମିନିଟ ପର୍ଯ୍ୟନ୍ତ ୱାଇଫାଇ ସେବା ମିଳିଲା। ଭୁବନେଶ୍ୱର ମି' ଯୋଜନାରେ ଏହି ୱାଇଫାଇ ସେବା ଲୋକ ପାଇଲେ। ରାଜଧାନୀର ପ୍ରମୁଖ ଛକ, ବଜାରରେ ଲୋକ ଭୁବନେଶ୍ୱର ମି' ୱାଇଫାଇ ଓ୍ୱାରଲେସ୍ ନେଟୱର୍କରେ ଲଗ୍ଇନ୍ କରି ଏହି ସେବା ପାଇଲେ। କିନ୍ତୁ ମାତ୍ର ଦିନ କେଇଟାରେ ଏହା ଫୁସ୍ ହୋଇଗଲା। କିଛିଦିନ ମୋବାଇଲରେ ୱାଇଫାଇ ସ୍କାନ୍ କଲେ ଭୁବନେଶ୍ୱର ମି' ୱାଇଫାଇ ନେଟୱର୍କ ଆସିଲା। କିନ୍ତୁ ଇଣ୍ଟର୍ନେଟ୍ଗତିଧିମେଇଗଲା।ମାଗଣାରେଇଣ୍ଟରନେଟ୍ ବ୍ୟବହାର ଦୂର କଥା, ଆଉ ଏବେ ନେଟୱର୍କ ବି ଆସୁନି।

୨୦୧୮ ନଭେମ୍ବର ୫ ତାରିଖରେ ଭୁବନେଶ୍ୱର ମି' ୱାଇଫାଇ ସେବା ଶୁଭାରମ୍ଭ ହୋଇଥିଲା। ସ୍ମାର୍ଟସିଟିରେ ଏବେ ସବୁ କାମ ସ୍ମାର୍ଟ ତରିକାରେ କରିବା ପାଇଁ ଏହି ୱାଇଫାଇ ସେବା ସହାୟକ ହେବ ବୋଲି କର୍ତ୍ତୃପକ୍ଷ କହିଥିଲେ। ପ୍ରତିଦିନ ଅଧଘଣ୍ଟା ମାଗଣାରେ ଇଣ୍ଟରନେଟ୍ ବ୍ୟବହାର କରିବାର ସୁଯୋଗ ମିଳିବ ବୋଲି ରାଜଧାନୀବାସୀଙ୍କୁ ସ୍ୱପ୍ନ ଦେଖାଇଥିଲେ କର୍ତ୍ତୃପକ୍ଷ। ଏଥିରେ ପ୍ରତି ଗ୍ରାହକଙ୍କୁ ୨୫୦ଏମ୍ବି ଇଣ୍ଟର୍ନେଟ୍ ମାଗଣାରେ ଉପଲବ୍ଧ ହେବ। କିନ୍ତୁ ଏହି ସେବା ଆରମ୍ଭରୁ କିଛିଦିନ ଭଲ ଚାଲିଲା, ତା'ପରେ ଧୀମେଇ ଗଲା। ଏବେ ଆଦୌ ଆଉ ଆସୁନାହିଁ। ପୂର୍ବରୁ ଧୀମା ଗତିରେ ହେଉ ପଛେ ସେବା ମିଳୁଥିଲା। ୱାଇଫାଇ ଲଗ୍ଇନ୍ ହେଉଥିଲା। କିନ୍ତୁ ବିଭିନ୍ନ ସାଇଟ୍ ଖୋଲୁ ନ ଥିଲା। ଲୋକମାନେ ମୋବାଇଲ୍ ଉପରକୁ କିଛି ସମୟ ଉଠାଇକି ରଖିବା ପରେ ସାଇଟ୍ ଖୋଲୁଥିଲା। ଏବେ ତ ଲୋକେ ମାଗଣା ୱାଇଫାଇ ମିଳୁଥିଲା ବୋଲି ଭୁଲିଗଲେଣି। କେବଳ ସହରରେ ନୁହେଁ ରାଜଧାନୀରେ ଗଡୁଥିବା ମୋ' ବସ୍ରେ ବି ୱାଇଫାଇ ସେବା ଉପଲବ୍ଧ ହେବାର ଥିଲା। ତାହାର ଅବସ୍ଥା ବି ସମାନ।

ବର୍ତ୍ତମାନର ଏହି ୱାଇଫାଇ ସିଷ୍ଟମ ବକ୍ସ ଅତି ଦୟନୀୟ ଅବସ୍ଥାରେ ପଡ଼ିଛି। ଅଧିକାଂଶ ସ୍ଥାନରେ ବକ୍ସଗୁଡ଼ିକ ଭାଙ୍ଗିଯାଇଛି ଓ କଳଙ୍କି ଲାଗିଯାଇଥିବା ଦେଖିବାକୁ ମିଳୁଛି। ସେହିଭଳି କିଛି କିଛି ସ୍ଥାନରେ ବକ୍ସ ଭାଙ୍ଗି ଯାଇଛି। ପୁଣି କେଉଁଠି ବକ୍ସ ଅଛି କିନ୍ତୁ ସେବା ମିଳୁନି। ଯାହାଦ୍ୱାରା ଯୋଜନା କେବଳ ଯୋଜନାରେ ହିଁ ସୀମିତ ହୋଇ ରହିଯାଇଛି। ଏହି ସେବା ଉପଲବ୍ଧ କରାଯାଉ। ଏହି ସେବା ଆରମ୍ଭ ହେଲେ ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ବିଭିନ୍ନ ବର୍ଗର ଲୋକମାନେ ଉପକୃତ ହୁଅନ୍ତେ ବୋଲି ସାଧାରଣରେ ଦାବି କରାଯାଉଛି।

## ଉପକଣ୍ଠରେ ପ୍ରତିଷ୍ଠା ହେବ ୨ ଅବକାରୀ ଥାନା

ଭୁବନେଶ୍ୱର, ୨୭ ।୫(ସମିସ)

ରାଜଧାନୀରେ ଲୋକ ସଂଖ୍ୟା ବଢ଼ିବା ସହ ଚୋରା ମଦ କାରବାର ମଧ୍ୟ ବଢୁଛି। ବିଶେଷକରି ବସ୍ତି ଏବଂ ରାଜଧାନୀ ଉପକଣ୍ଠରେ ଚୋରା ମଦ କାରବାର ବଢୁଛି। ଭୁବନେଶ୍ୱରରେ ଗୋଟିଏ ଅବକାରୀ ଥାନା ଥିବାରୁ ଏହାକୁ ସମ୍ଭାଳିବା କଷ୍ଟକର ହୋଇପଡୁଛି। ଏଥିପାଇଁ ଅବକାରୀ ବିଭାଗ ପକ୍ଷରୁ ରାଜଧାନୀ ଉପକଣ୍ଠରେ ଦୁଇଟି ଥାନା ପ୍ରତିଷ୍ଠା କରାଯିବ। ବାଲିଅନ୍ତାରେ ଗୋଟିଏ ଅବକାରୀ ଥାନା ହେବାକୁ ଥିବା ବେଳେ ଚନ୍ଦକା ଅଞ୍ଚଳରେ ଅନ୍ୟ ଗୋଟିଏ ଥାନା ପ୍ରତିଷ୍ଠା ହେବ। ବାଲିଅନ୍ତାରେ ହେବାକୁ ଥିବା ଅବକାରୀ ଥାନା ଅଧୀନରେ ବାଲିପାଟଣା, ବାଲିଅନ୍ତା, ଫୁଲନଖରା ଏବଂ ପାହାଳ ଆଦି ଅଞ୍ଚଳ ରହିଥିଲେ। ଏଥିରେ ଜଣେ ଇନ୍ସପେକ୍ଟର, ୪ଜଣ ଏସ୍ଆଇ ଏବଂ ୧୦ଜଣ କନଷ୍ଟବଳ ରହିବେ ବୋଲି ଜଣାପଡ଼ିଛି।

ସେହିପରି ଚନ୍ଦକାରେ ହେବାକୁ ଥିବା ଅବକାରୀ ଥାନା ଅଧିକାରୀ ଚନ୍ଦକା, ଅନ୍ଧାରୁଆ, ବାରଙ୍ଗ, ମଳିପଡ଼ା, ଭରତପୁର, ମେଣ୍ଢାଶାଳ, କୁକୁଡ଼ାମୁଣ୍ଡି ଆଦି ଗ୍ରାମ ରହିବ। ଭରତପୁର ବସ୍ତି ଏବଂ ଏହାର ଆଖପାଖ ଅଞ୍ଚଳରେ ହେଉଥିବା ମଦ କାରବାର ରୋକିବା ପାଇଁ ଏହି ଥାନା ପ୍ରତିଷ୍ଠା କରାଯିବାକୁ ନିଷ୍ପତ୍ତି ହୋଇଛି। ଏଠାରେ ମଧ୍ୟ ଜଣେ ଇନ୍ସପେକ୍ଟର, ୪ଏସ୍ଆଇ ଏବଂ ୮ଜଣ କନ୍ଷ୍ଟେବଳ ରହିବେ। ଏହି ଥାନାକୁ ନିରୀକ୍ଷଣ ଏବଂ ତଦାରଖ କରିବା ପାଇଁ ଜଣେ ଉଚ୍ଚ ଅଧିକାରୀଙ୍କୁ ରଖାଯିବ। ସେମାନେ ସବୁ ମଦ ଦୋକାନ, ବାର, ହୋଟେଲ ଏବଂ ଡ୍ୟାନ୍ସ କ୍ଲବ୍ ଉପରେ ନଜର ରଖିବେ। ଅନେକ ସମୟରେ ପିତାପଲ୍ଲୀ

**ସାବାଡ଼ ହେବେ ରାଜଧାନୀର ନିଶା ମାଫିଆ**

ଦେଇ ଅନେକ ଗଞ୍ଜେଇ ଗାଡ଼ି ପାସ୍ କରୁଛି। ଅବକାରୀ ଥାନା ହେବା ପରେ ଏହାକୁ ଧରିବାରେ ସଫଳ ହେବ। ରାଜଧାନୀରେ ଏବେ ୨୩୦ରୁ ଅଧିକ ମଦ ଦୋକାନ ରହିଛି। ସେମାନେ ରାତି ସାଢ଼େ ୧୦ଟା ପରେ ବନ୍ଦ କରିବାକୁ ନିୟମ ରହିଛି। କିନ୍ତୁ ସେମାନେ ଅବକାରୀ ନିୟମକୁ ଖିଲାପ କରି ବିଳମ୍ବିତ ରାତି ପର୍ଯ୍ୟନ୍ତ ଦୋକାନ ଖୋଲା ରଖୁଛନ୍ତି। ତେଣୁ ଏହା ଉପରେ ରୋକ୍ ଲଗାଇବା ପାଇଁ ମଧ୍ୟ ଏହି ଦୁଇଟି ଥାନା ସହାୟକ ହେବ।

■ ଉଗ୍ରରୂପ ନେଲା ପୂର୍ବବିବାଦ

## ଚଳନ୍ତା ସ୍କୋର୍ପିଓକୁ ବୋମାମାଡ଼





ଭୁବନେଶ୍ୱର, ୨୭।୫ (ସମିସ)

ନିର୍ବାଚନ ସରିବା ପରେ ଅଶାନ୍ତ ହୋଇଛି ରାଜଧାନୀ। ଦୀର୍ଘଦିନ ଧରି ଲାଗି ରହିଥିବା ବିବାଦ ପୁଣି ଥରେ ଉଗ୍ରରୂପ ନେଇଛି। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଗତ ଜାନୁୟାରୀ ମାସରେ ହଣାକଟା ହୋଇଥିବା ବେଳେ ସୋମବାର ଏକ ଚଳନ୍ତା ସ୍କୋର୍ପିଓ ଉପରକୁ ବୋମାମାଡ଼ ହୋଇଛି। ବୋମାମାଡ଼ରେ ଆହତ ହୋଇଥିବା ଗାଡ଼ିଚାଳକ ହେଉଛନ୍ତି ନୂଆପଲ୍ଲୀର ରାଜେଶ ସାମନ୍ତସିଂହାର। ଘଟଣାର ମୁଖ୍ୟ ଅଭିଯୁକ୍ତ ମଫି ଓ ସହଯୋଗୀମାନେ ଫେରାର ହୋଇଯାଇଛନ୍ତି। ମିଳିଥିବା ସୂଚନା ଅନୁସାରେ, ଗତ ଜାନୁୟାରୀ ମାସରେ ହୋଇଥିବା ଏକ ରାଜନୈତିକ ସଭାରୁ କେବିଏନ ଗ୍ୟାଙ୍ଗର ରାଜେଶ ଓ ଦିଗବିଜୟ ସିଂହଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ବିବାଦକୁ ନେଇ ଜାନୁୟାରୀ ୩୦ ତାରିଖ ସନ୍ଧ୍ୟାରେ ରାଜେଶ, ଅମନ ଓ ଅନ୍ୟ ସହଯୋଗୀମାନେ ମିଶି ଦିଗବିଜୟ, ଶୁଭମ୍ ଓ ତାଙ୍କ ସାଙ୍ଗମାନଙ୍କୁ ଜାଗମରା ନୂଆ ରାସ୍ତାରେ ଖଣ୍ଡାରେ ଆକ୍ରମଣ କରିଥିଲେ। ସେବେ ଠାରୁ ଉଭୟ ଗୋଷ୍ଠୀଙ୍କ ମଧ୍ୟ ଛକାପଞ୍ଝା ଲାଗି ରହିଥିଲା। ରାଜେଶର ବିପକ୍ଷ ଗୋଷ୍ଠୀର ସଦସ୍ୟ ମଫି ଓ ତାର ସାଙ୍ଗ ସୋମବାର ଭୋରରୁ ପୁରୀରୁ ଫେରୁଥିଲେ। ସେହି ସମୟରେ ରାଜେଶ, ଅମନ, ଦୀପକ ଓ ଲେଲିନ୍ ମଧ୍ୟ ପୁରୀରୁ ଫେରୁଥିଲେ। ରାଜେଶର ଗୋଷ୍ଠୀ ରାସ୍ତାରେ ମଫିକୁ କମେଣ୍ଟ ମାରିବା ସହିତ ଗାଡ଼ିରେ ସାଇଡ୍ ମାରିଥିଲେ। ପୁରୀରୁ ଫେରିବା ପରେ ଦୀପକ ଓ ଲେଲିନକୁ ଘରେ ଛାଡ଼ି ଦେଇ ବରମୁଣ୍ଡା ନୀଳକଣ୍ଠେଶ୍ୱର ମନ୍ଦିର ନିକଟରେ ରାଜେଶ ଓ ଅମନ ଚା ପିଇଥିଲେ। ଅମନକୁ ସେଠାରେ ଛାଡ଼ିଦେଇ ରାଜେଶ ସ୍କୋର୍ପିଓ ନେଇ ଆପିକଲ ଅଫିସ ରାସ୍ତା ଦେଇ ବରମୁଣ୍ଡା ଆଡ଼କୁ ଯାଉଥିଲେ। ସେହି ସମୟରେ ମଫି ଓ ତା'ର ସହଯୋଗୀମାନେ ବାଇକରେ ଆସି ସ୍କୋର୍ପିଓ ଉପରକୁ ବୋମାମାଡ଼ କରିଥିଲେ। ବୋମାମାଡ଼ରେ ସ୍କୋର୍ପିଓର ବାମ ପଟ କାଚ ଭାଙ୍ଗି ରାଜେଶଙ୍କ ମୁଣ୍ଡ, କାନ ଓ ଅନ୍ୟାନ୍ୟ ସ୍ଥାନରେ ଆଘାତ ଲାଗିଥିଲା। ଖବରପାଇ ଖଣ୍ଡଗିରି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ରାଜେଶଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେପଟେ ବୋମାମାଡ଼ରେ କାର୍ର ବାମ ପଟ କାଚ, ମିରର୍ ଓ ଅନ୍ୟାନ୍ୟ ଅଂଶ କ୍ଷତିଗ୍ରସ୍ତ ହୋଇଛି। ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରିଛି। ଘଟଣାସ୍ଥଳକୁ ଯାଇ ସୁତୁଲି, ବାରୁଦ ଗୁଣ୍ଡ ଆଦି ଜବତ କରିଛି।

● ଦୁଇଟି ବାଇକ୍ରେ ଆସିଥିଲେ ୪ ଦୁର୍ବୃତ୍ତ
● ଜଣେ ଗୁରୁତର; ସିସିଟିଭି ଅଣ୍ଡାଳୁଛି ପୁଲିସ

**ସାଇବର୍ ଠକେଇର ରିପୋର୍ଟ କାର୍ଡ**

## ୪ ମାସରେ ନେଇଗଲେ ୧୭.୭୫ କୋଟି

**ରାଜଧାନୀରୁ ୧୫୧୫ ଅଭିଯୋଗ; ୧୦୦ ମାମଲା**
**ଫେରିଆସିଲା ୨୦ ଲକ୍ଷ; ୭.୧୫ କୋଟି ବ୍ଲକ୍**
**୯ ପ୍ରତିଶତ ସାଇବର୍ ଅପରାଧୀ ଚିହ୍ନଟ**

ଭୁବନେଶ୍ୱର, ୨୭ ।୫(ସମିସ): ଓଡ଼ିଶା ସମେତ ରାଜଧାନୀରେ ଚିନ୍ତାଜନକ ସ୍ଥିତିରେ ସାଇବର୍ ଅପରାଧ। ସାଇବର୍ ନିରାପତ୍ତା ଓ ସୁରକ୍ଷାର ସଂକ୍ରାନ୍ତୀୟ ନୂଆ ନୂଆ ଯୋଜନା ଜାରିରହିଛି। ତଥାପି ଭୁବନେଶ୍ୱରରୁ ସାଇବର୍ ଠକେଇ ହ୍ରାସ ହେଉନି। ଗତ ୪ମାସରେ ରାଜଧାନୀରୁ ୧୭. ୭୫ କୋଟି ଟଙ୍କା ଠକେଇ ହୋଇଛି। ଏଥିସହ ୧୫୧୫ ଅଭିଯୋଗରେ ୧୦୦ଟି ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି। ଏହି ମାମଲାର ତଦନ୍ତ କରାଯାଇ ମାତ୍ର ୯ ପ୍ରତିଶତ ସାଇବର୍ ଅପରାଧୀଙ୍କୁ ଚିହ୍ନଟ କରାଯାଇଛି। ସେହିପରି ସାଇବର୍ ଠକେଇ ହେବା ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବାରୁ ୨୦ ଲକ୍ଷ ଟଙ୍କା ଫେରସ୍ତ ହୋଇପାରିଛି। ସେଭଳି ଠକେଇ ହୋଇଥିବା ଟଙ୍କାର ୪୦ ପ୍ରତିଶତ ଅର୍ଥାତ୍ ୭.୧୫ କୋଟି ବ୍ଲକ କରାଯାଇଛି।

ସାଇବର୍ ଠକେଇ ହେବା ପରେ ଠକେଇର ଶିକାର ବ୍ୟକ୍ତି ତୁରନ୍ତ ଅଭିଯୋଗ କରୁ ନ ଥିବାରୁ ଠକେଇ ଟଙ୍କା ଫେରସ୍ତ କରିବା ଆହ୍ୱାନ ହୋଇଛି। ଏଥିସହ ସାଇବର୍ ଥାନାରେ କର୍ମଚାରୀଙ୍କ କ୍ଷମତା ବଢ଼ାଇବା ସହ ତଦନ୍ତକୁ ସୁଦୃଢ଼ କରିବା ଦିଗରେ ଉଦ୍ୟମ କରାଯାଉଛି। ଆଗରୁ ସାମାଜିକ ଗଣମାଧ୍ୟମ ପ୍ଲାଟ୍ଫର୍ମରେ ୟୁପିଆଇ, କ୍ରେଡିଟ୍ କାର୍ଡ/ଡେବିଡ୍ କାର୍ଡ ଆଳରେ ଠକେଇ ହେଉଥିଲା। କିନ୍ତୁ ଏବେ ମିଛ ନିଯୁକ୍ତି, ଟଙ୍କା ନିବେଶ, ଟ୍ରେଡିଂ ସ୍କାମ୍ ଓ ଡିଜିଟାଲ୍ ଗିରଫର ଭୟ ଦେଖାଇ ଅଧିକ ମାତ୍ରାରେ ସାଇବର୍ ଠକେଇ ହେଉଛି। ସାଇବର୍ ଠକେଇ ସଂକ୍ରାନ୍ତୀୟ ସଚେତନତା, ଅନୁସନ୍ଧାନ, ଅପରାଧୀଙ୍କ ଚିହ୍ନଟ ଓ ଶିକ୍ଷା ଦେବା କ୍ଷେତ୍ରରେ ଅଧିକ କାର୍ଯ୍ୟ କରିବାକୁ ଯୋଜନା କରୁଛି କମିସନରେଟ୍ ପୁଲିସ।

## ପୁଣି ୧୨ ଲକ୍ଷ ଠକିନେଲେ ସାଇବର୍ ଠକ

ଭୁବନେଶ୍ୱର, ୨୭ ।୫(ସମିସ): ମଞ୍ଚେଶ୍ୱର ଅଞ୍ଚଳର ସୁରେଶ ବେହେରାଙ୍କୁ ଚାକିରିର ଲୋଭ ଦେଖାଇ ୧୨ଲକ୍ଷ ଟଙ୍କା ଠକି ନେଇଛନ୍ତି ସାଇବର୍ ଠକ। ସୁରେଶଙ୍କ ନିକଟକୁ ଏକ ମେସେଜ୍ ଆସିଥିଲା। ଘରେ ବସି ମାସକୁ ୩୦ ହଜାର ଟଙ୍କା ରୋଜଗାର କରିବାକୁ ଏହି ମେସେଜ୍ରେ କୁହାଯାଇଥିଲା। ମେସେଜ୍ରେ ଦିଆଯାଇଥିବା ଫୋନ୍ ନମ୍ବରକୁ କଲ୍ କରି ସବୁ କିଛି ବୁଝିଥିଲେ। ଠକ ତାଙ୍କୁ ଫୋନ୍ ନମ୍ବରରେ ଏକ ଲିଙ୍କ୍ ପଠାଇବେ। ଏଥିରେ ସବୁ ତଥ୍ୟ ଦେଇ ପୂରଣ କରିବା ପରେ ଅନ୍ଲାଇନ୍ରେ ଆବେଦନ ହୋଇଯିବ। ଏହି କଥାକୁ ବିଶ୍ୱାସ କରି ସୁରେଶ ଲିଙ୍କ୍କୁ କ୍ଲିକ୍ କରିବା ପରେ ତାଙ୍କ ମୋବାଇଲ୍ ହ୍ୟାକ୍ ହୋଇଗଲା। ପରେ ତାଙ୍କ ଆକାଉଣ୍ଟରୁ ୫ ଥରରେ ୧୨ ଲକ୍ଷ ଟଙ୍କା କଟିଯାଇଥିଲା।

## ପୁଲିସକୁ ସହଯୋଗ କରିବେ ସାଇବର୍ ଯୋଦ୍ଧା



**ଗ୍ରୀଷ୍ମକାଳୀନ ଇଣ୍ଟର୍ଣ୍ଣସିପ୍ ଆରମ୍ଭ; ୧୧ଜଣ ମନୋନୀତ**

ଭୁବନେଶ୍ୱର, ୨୭ ।୫(ସମିସ)

ସାଇବର୍ ଅପରାଧ ଓ ଅପରାଧୀଙ୍କ ଦମନ କ୍ଷେତ୍ରରେ ଆଉ ଏକ ନୂଆ କାର୍ଯ୍ୟକ୍ରମ ହାତକୁ ନେଇଛି କମିସନରେଟ୍ ପୁଲିସ। ଭୁବନେଶ୍ୱର ସହରାଞ୍ଚଳରେ ସାଇବର୍ ଯୋଦ୍ଧା ସୃଷ୍ଟି କରିବା ଲାଗି ଆଇସିସିଆଇ ବ୍ୟାଙ୍କ ମିଳିତ ପ୍ରୟାସରେ ଗ୍ରୀଷ୍ମକାଳୀନ ସାଇବର୍ ସୁରକ୍ଷା ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମ-୨୦୨୪ ଆରମ୍ଭ ହୋଇଛି। ମନୋନୀତ ହୋଇଥିବା ସାଇବର୍ ଯୋଦ୍ଧାମାନେ ସାଇବର୍ ଅପରାଧ ସଂକ୍ରାନ୍ତରେ ପୁଲିସକୁ ତଦନ୍ତରେ ସହାୟତା କରିବେ। ସାଇବର୍ ଯୋଦ୍ଧା (ୱାରିଅର) ସେମାନଙ୍କର ସକ୍ରିୟ ଯୋଗଦାନ ଏବଂ ପ୍ରତିବଦ୍ଧତାରେ ସହାୟକ ହେବ। ସେମାନଙ୍କର ବ୍ୟକ୍ତିଗତ ଏବଂ ବୃତ୍ତିଗତ ବିକାଶରେ ଲାଭଦାୟକ ହେବ ନାହିଁ ବରଂ ସାଇବର ଅପରାଧ କରିବାରେ ଚାଲିଥିବା ପ୍ରକଳ୍ପ ଏବଂ ପଦକ୍ଷେପଗୁଡ଼ିକରେ ମଧ୍ୟ ସହାୟକ ହେବ। ଏଥିରେ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ୬୫୦ଜଣ ପିଲା ଆବେଦନ କରିଥିଲେ। ସେଥିରୁ ୧୧ଜଣଙ୍କୁ ମନୋନୀତ କରାଯାଇଛି। ଏହି କାର୍ଯ୍ୟକ୍ରମଟି ମନୋନୀତ ହୋଇଥିବା ସାଇବର୍ ଯୋଦ୍ଧା ନେତୃତ୍ୱ ନେବାର କ୍ଷମତା ବୃଦ୍ଧି, ଦକ୍ଷତା ପ୍ରତିପାଦନର ସୁଯୋଗ ମିଳିପାରିବ। ଏହି ଇଣ୍ଟର୍ଣ୍ଣସିପ ଅବଧି ୮ ସପ୍ତାହ ଅର୍ଥାତ୍ ଦୁଇ ମାସ ଧରି ଚାଲିବ। ଆଇନ ପ୍ରୟୋଗ ସହ ତଦନ୍ତରେ ସେମାନଙ୍କ ଭୂମିକା ରହିବା ସହ ସାଇବର୍ ବିଶେଷଜ୍ଞ ଟିମ୍ରେ ଦ୍ୱାରା ତଦାରଖ କରାଯିବ। ସାଇବର୍ ବିପଦରୁ ସମ୍ବେଦନଶୀଳ ସୂଚନା ଏବଂ ଭିତ୍ତିଭୂମି ରକ୍ଷା କରିବା ଗୁରୁତ୍ୱ ଦିଆଯାଇଛି। ଏହି କାର୍ଯ୍ୟକ୍ରମ ଦ୍ୱାରା ସାଇବର୍ ସୁରକ୍ଷା କ୍ଷେତ୍ରରେ ଆଗ୍ରହୀ ଯୁବକ ପ୍ରତିଭାଙ୍କୁ ପ୍ରତିପୋଷଣ କରିବାକୁ ଲକ୍ଷ୍ୟ ରଖିଛି। ଆଜିର ଏହି କାର୍ଯ୍ୟକ୍ରମରେ ପୁଲିସ କମିସନର ସଞ୍ଜୀବ ପଣ୍ଡା, ଡିସିପି ପ୍ରତୀକ ସିଂଙ୍କ ସମେତ ଅନ୍ୟ ବରିଷ୍ଠ ପୁଲିସ ଅଧିକାରୀ ଓ ମନୋନୀତ ହୋଇଥିବର ଯୁବପ୍ରତିଭାମାନେ ଉପସ୍ଥିତ ଥିଲେ। ଏଥିରେ ପୁଲିଏହି କାର୍ଯ୍ୟକ୍ରମକୁ କମିସନରେଟ୍ ପୁଲିସର କାର୍ଯ୍ୟରତ ଏସିପି ଅଞ୍ଜନା ଟୁଡୁ ସଂଯୋଜନା କରିବା ସହ ନେତୃତ୍ୱ ନେବେ।

## ଘର ଆଗରେ ବୁଲିଲା ଖଣ୍ଡା, ଭୁଜାଲି

**ଆକ୍ରମଣ କରି ଫଟାଇ ଦେଲେ ଯୁବକଙ୍କ ମୁଣ୍ଡ**
**ହୋଟେଲରେ ଖାଇବାକୁ କେନ୍ଦ୍ରକରି ଯୁକ୍ତିତର୍କ**

ଭୁବନେଶ୍ୱର, ୨୭ ।୫(ସମିସ): ହୋଟେଲ ଖାଇବାକୁ କେନ୍ଦ୍ରକରି ଗଣ୍ଡଗୋଳ ହୋଇଥିଲା। ଏହି ରାଗ ରଖି ଅଭିଯୁକ୍ତମାନେ ଘର ଆଗରେ ଖଣ୍ଡା, ଭୁଜାଲି ଏବଂ କଟୁରି ବୁଲାଇଛନ୍ତି। ଅଭିଯୋଗକାରୀ କବାଟ ନ ଖୋଲିବାରୁ ଘର ବାଡ଼ିପଟକୁ ଯାଇ ମାଡ଼ମାରି ମୁଣ୍ଡ ଫଟାଇଥିଲେ। ଏଭଳି ଘଟଣା ଏୟାରଫିଲ୍ଡ ଥାନା ମୁଣ୍ଡଳ ନିକଟରେ ଦେଖିବାକୁ ମିଳିଛି। ଏନେଇ ଥାନାରେ ସୁକାନ୍ତ ସୁବୁଦ୍ଧି ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରୁଛି। ଅଭିଯୋଗ ଅନୁସାରେ, ସୁକାନ୍ତ ଗତ ୨୪ ତାରିଖ ରାତିରେ ବେହେରା ହୋଟେଲ ଖାଇବାକୁ ଯାଇଥିଲେ। ସେଠାରେ ଖାଇବା ସମୟରେ ଅଭିଯୁକ୍ତଙ୍କ ସହ ଯୁକ୍ତତର୍କ ଏବଂ ଝଗଡ଼ା ହୋଇଥିଲା। ଅଭିଯୁକ୍ତମାନେ ଦେଖିନେବେ ବୋଲି କହିଥିଲେ। ହେଲେ ୨୬ ତାରିଖ ରାତିରେ ୧୦ଜଣ ଅଭିଯୁକ୍ତ ଖଣ୍ଡା, ଭୁଜାଲି ଏବଂ କଟୁରି ଧରି ସୁକାନ୍ତଙ୍କ ଘର ଆଗରେ ବୁଲାଇଥିଲେ। ଏପରିକି ଘର ବାହାରକୁ ଆସିବାକୁ କହିଥିଲେ। ଖଣ୍ଡା ଏବଂ ଭୁଜାଲି ଦେଖି ସୁକାନ୍ତ କବାଟ ଖୋଲି ନ ଥିଲେ। ଅଭିଯୁକ୍ତମାନେ ତାଙ୍କ ଘରର ବାଡ଼ି ପଟକୁ ଯାଇ କବାଟକୁ ଧକ୍କା ମାରିଥିଲେ। ସୁକାନ୍ତ କବାଟ ଖୋଲିବା ପରେ ଅଭିଯୁକ୍ତ ଠେଙ୍ଗାରେ ପିଟି ମୁଣ୍ଡ ଫଟାଇ ଦେଇଥିଲେ। ସୁକାନ୍ତଙ୍କ ପତ୍ନୀ ତାଙ୍କୁ ଅଟକାଇବାକୁ ଆସିଥିଲେ ମଧ୍ୟ ଅଭିଯୁକ୍ତମାନେ ମଧ୍ୟ ତାଙ୍କୁ ମାଡ଼ ମାରିଥିଲେ। ଶେଷରେ ପୁଲିସ ଆସିବା ଭୟରେ ଅଭିଯୁକ୍ତ ପଳାଇଥିଲେ। କିନ୍ତୁ ସୁକାନ୍ତଙ୍କ ପତ୍ନୀ କ୍ୟାପିଟାଲ ହସ୍ପିଟାଲରେ ନେଉଥିବା ସମୟରେ ଅଧବାଟରେ ଅଭିଯୁକ୍ତମାନେ ତାଙ୍କୁ ଅଟକାଇ ପୁଣି ଧମକ ଦେଇଥିଲେ। ଶେଷରେ ସୁକାନ୍ତ ପତ୍ନୀ ଖୋର୍ଦ୍ଧା ମେଡ଼ିକାଲକୁ ଲୁଚିକି ନେଇଥିଲେ। ସେଠାରୁ ଫେରିବା ପରେ ଏନେଇ ଥାନାରେ ଅଭିଯୋଗ କରିଛନ୍ତି।

## ରାଜଧାନୀରେ 'ରେଳ ସଂଗ୍ରହାଳୟ' ‖ ମିଛ ଷ୍ଟେସନ୍; ସତ ଭିଡ଼







ଭୁବନେଶ୍ୱର, ୨୭।୫(ସମିସ)

ଏବେ ରେଳ ସମ୍ପର୍କରେ ଶିକ୍ଷା ପାଇବେ ସାଧାରଣଲୋକେ। ଆମ ଦେଶରେ ରେଳ ସେବା କାର୍ଯ୍ୟକାରୀଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଆଧୁନିକ ରେଳର ସମସ୍ତ ତଥ୍ୟ ଦେଖିପାରୁଛନ୍ତି ଦର୍ଶକ। 'କଳିଙ୍ଗ ରେଳ ସଂଗ୍ରହାଳୟ' ନାମରେ ଏପରି ଏକ ସଂଗ୍ରହାଳୟ ରହିଛି ଭୁବନେଶ୍ୱରର ଚନ୍ଦ୍ରଶେଖରପୁରଠାରେ। ଗତ ୨୦୨୧ ଅକ୍ଟୋବର ୩୦ରେ ସର୍ବସାଧାରଣଙ୍କ ପାଇଁ ଖୋଲାଯାଇଥିବା ଏହି ସଂଗ୍ରହାଳୟଟି ସୋମବାର ବ୍ୟତୀତ ସପ୍ତାହକ ୬ଦିନ ୧୦ଟାରୁ ୬ଟା ଯାଏଁ ଖୋଲା ରହୁଛି। ଏଠାରେ କୌଣସି ଟିକଟ୍ ବ୍ୟବସ୍ଥା ନାହିଁ। ଏହି ସଂଗ୍ରହାଳୟରେ ରହିଛି ପୁରାତନ ଉପକରଣ, ଯନ୍ତ୍ର, ପ୍ରଯୁକ୍ତିବିଦ୍ୟା ଉପକରଣ ଏବଂ ମଡେଲଗୁଡ଼ିକ ମଧ୍ୟ ଏହି ଐତିହ୍ୟ ସଂଗ୍ରହାଳୟରେ କଳାକୃତି, ମଡେଲ ଏବଂ ଫଟୋଗ୍ରାଫ, ମହାନଦୀ ବ୍ରିଜର ମଡେଲ୍, ପୁରୁଣା ସିଗ୍ନାଲ ଲାଇଟ ଇତ୍ୟାଦି। ଏହାଛଡ଼ା ଭାରତୀୟ ରେଳବାଇର ପ୍ରଥମ ଦିନରୁ ବିଭିନ୍ନ ଦଲିଲ, ପୁରୁଣା ମାନୁଆଲ, ରେଳ ମାନଚିତ୍ର, ଉପକରଣ ଏବଂ ଫଟୋଗ୍ରାଫ, ଚାଉଳରେ ତିଆରି ରେଳଡ଼ବା ଆଦି ପ୍ରଦର୍ଶିତ ହୋଇଛି। ଏସବୁ ଦର୍ଶକଙ୍କୁ ଇତିହାସ ଏବଂ ସମୃଦ୍ଧ ଐତିହ୍ୟ ଦର୍ଶାଇବାରେ ସାହାଯ୍ୟ କରୁଛି। ଏଠାରେ ମଧ୍ୟ ବିଭିନ୍ନ ଡକ୍ୟୁମେଣ୍ଟାରୀ ଯେପରି ଗୋପବନ୍ଧୁ ଦାସଙ୍କ ରେଳ ଉପରେ ଚିଲିକା ଦର୍ଶନର ଏକ ଡକ୍ୟୁମେଣ୍ଟାରୀ ସହ ରେଳବାଇ କର୍ମଚାରୀଙ୍କର ପୋଷାକ ପ୍ରଦର୍ଶିତ ହେଉଛି। ଏହି ସଂଗ୍ରହାଳୟରେ ଆମୋଦପ୍ରମୋଦ ପାଇଁ ଟୟଟ୍ରେନ୍ ଓ ସୁଲଭ ଖାଦ୍ୟପେୟ ପାଇଁ ଟ୍ରେନ୍ ବଗି ଭିତରେ ନିର୍ମିତ ଭୋଜନାଳୟ ମଧ୍ୟ ରହିଛି। ଏହା ଓଡ଼ିଶାରେ ଥିବା ଏକମାତ୍ର ରେଳ ସଂଗ୍ରହାଳୟ। ଏ ନେଇ ସଂଗ୍ରହାଳୟର କ୍ୟୁରେଟର ଲିଜା ସାହୁ କୁହନ୍ତି ସଂଗ୍ରହାଳୟର ଆଉ ଏକ ଗ୍ୟାଲେରୀ ପରିସର ମଧ୍ୟରେ ଖୋଲାଯିବା ନେଇ କାମ ଚାଲିଛି। ବର୍ତ୍ତମାନ ଗୋଟେ ଗ୍ୟାଲେରୀ ରହିଛି ଯେଉଁଥିରେ ୫ଟି ବିଭାଗ ରହିଛି। ଏଠାରେ ପ୍ରତିଦିନ ଲୋକ ବୁଲିବାକୁ ଆସୁଛନ୍ତି। ରେଳର ପୁରୁଣା ସମୟରୁ ଆଜି ଯାଏଁ ଥିବା ସମସ୍ତ ତଥ୍ୟ ମଡେଲ୍ ଆକାରରେ ଥିବାରୁ ଲୋକ ଦେଖି ବହୁତ ଖୁସି ହେଉଛନ୍ତି। ପିଲାମାନଙ୍କ ପାଇଁ ଏହା ଏକ ଶିକ୍ଷଣୀୟ ଜାଗା ତେଣୁ ବିଭିନ୍ନ ସମୟରେ ଏଠାକୁ ଅଭିଭାବକ ତାଙ୍କ ପିଲାମାନଙ୍କୁ ନେଇ ଆସୁଛନ୍ତି। ଦେୟମୁକ୍ତ ଥିବାରୁ ଏଠାକୁ ଲୋକ ସବୁବେଳେ ଆସି ପାରୁଛନ୍ତି ବୋଲି ସେ କହିଛନ୍ତି।

**ମିଳୁଛି ରେଳ ସଂକ୍ରାନ୍ତୀୟ ତଥ୍ୟ**
**ଖୋଲିବ ଆଉ ଏକ ଗ୍ୟାଲେରୀ**

## ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର ସଂସଦୀୟ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଜେଡିର ଷ୍ଟାର୍ ପ୍ରଚାରକ କାର୍ତ୍ତିକ ପାଣ୍ଡିଆନଙ୍କ ମାରାଥନ ପ୍ରଚାର















# ରାଜ୍ୟବାସୀଙ୍କ ଦୁଃଖରେ ନବୀନ, ସୁଖରେ ନବୀନ

**ଭୁବନେଶ୍ୱର ୨୭।୫(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆପଣଙ୍କ ଦୁଃଖରେ ଅଛନ୍ତି, ସୁଖରେ ବି ଅଛନ୍ତି। ଓଡ଼ିଶାବାସୀଙ୍କ ହୃଦୟରେ ନବୀନ ପଟ୍ଟନାୟକ ରହିଛନ୍ତି ଓ ନବୀନଙ୍କ ହୃଦୟରେ ଓଡ଼ିଶାବାସୀ ଅଛନ୍ତି। ସେଥିପାଇଁ ତୃତୀୟ ପର୍ଯ୍ୟାୟସୁଦ୍ଧା

- **୩ୟ ପର୍ଯ୍ୟାୟ ସୁଦ୍ଧା ବିଜେଡିକୁ ମିଳିଛି ସଂଖ୍ୟାଗରିଷ୍ଠତା**
- **୯ ତାରିଖରେ ଷଷ୍ଠଥର ପାଇଁ ଶପଥ ନେବେ ମୁଖ୍ୟମନ୍ତ୍ରୀ**
- **ପ୍ରଥମ ଦିନରେ ବିଜୁଳି, ବିଏସ୍‌କେୱାଇ, ଭତ୍ତା ଉପହାର**

୧୦୫ଟି ଆସନରେ ମତଦାନ ହୋଇଥିଲେ ମଧ୍ୟ ମହାପ୍ରଭୁଙ୍କ ଆଶିଷ ଓ ରାଜ୍ୟବାସୀଙ୍କ ଆଶୀର୍ବାଦ ଫଳରେ ବିଜେଡି ସରକାର ଗଢ଼ିବାର ମ୍ୟାଜିକ୍ ସଂଖ୍ୟା ଛୁଇଁ ସାରିଛି। ଏହା ସତ କି ମିଛ ଆପଣ ଫଳ ବାହାରିଲେ ଜାଣି ପାରିବେ। ମହାପ୍ରଭୁଙ୍କ ଆଶିଷରୁ ଜୁନ୍ ୯ ତାରିଖରେ ନବୀନ ପଟ୍ଟନାୟକ ପୁଣିଥରେ ମୁଖ୍ୟମନ୍ତ୍ରୀ ରୂପେ ଶପଥ ନେବେ ବୋଲି ଭଦ୍ରକ ସଂସଦୀୟ କ୍ଷେତ୍ରର ତିହିଡ଼ି, ବାସୁଦେବପୁର ଅଞ୍ଚଳରେ ପ୍ରଚାର ଅବସରରେ ଏହା କହିଛନ୍ତି ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ।

ଶ୍ରୀ ପାଣ୍ଡିଆନ ଆଜି ଭଦ୍ରକ ଲୋକସଭା କ୍ଷେତ୍ରର ବାସୁଦେବପୁର ଓ ତିହିଡିରେ ନିର୍ବାଚନ ପ୍ରଚାର କରି ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିଛନ୍ତି ଓ



ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବାକୁ ନିବେଦନ କରିଛନ୍ତି। ଏହି ସଭାରେ ସେ ବିଶିଷ୍ଟ ଜନନେତା ସ୍ୱର୍ଗତ ନୀଳମଣି ରାଉତରାୟ ଓ ବିଜୟଶ୍ରୀ ରାଉତରାୟଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଛନ୍ତି। ସେ କହିଛନ୍ତି ଯେ ଡବଲ ଇଞ୍ଜିନ ରାଜ୍ୟରେ ୫ ପ୍ରତିଶତ ପିଲା ବି ଛାତ୍ରବୃତ୍ତି ପାଉନାହାନ୍ତି। ନବୀନ ବାବୁଙ୍କ ରାଜ୍ୟରେ ୯୮ ପ୍ରତିଶତ ପିଲା ଛାତ୍ରବୃତ୍ତି ପାଇବେ। ମୁଖ୍ୟମନ୍ତ୍ରୀ ଭାବେ ପ୍ରଥମ ଦସ୍ତଖତରେ ଓଡ଼ିଶାର ୯୦ ପ୍ରତିଶତ ପରିବାରଙ୍କ ପାଇଁ ବିଜୁଳି ବିଲ୍ ଛାଡ କରିବେ। ଦ୍ୱିତୀୟ ଦସ୍ତଖତରେ ସମସ୍ତେ ବିଏସ୍‌କେୱାଇ କାର୍ଡ ପାଇବେ। ତୃତୀୟ ଦସ୍ତଖତରେ ମିଶନ ଶକ୍ତି ସଦସ୍ୟାମାନଙ୍କ ପାଇଁ ୬୦ ବର୍ଷ ପରେ ଭତ୍ତା ବ୍ୟବସ୍ଥା ହେବ। ଚତୁର୍ଥ ଦସ୍ତଖତରେ କଲେଜ ଛାତ୍ରଛାତ୍ରୀଙ୍କୁ ସଂଶୋଧିତ ନୂଆ-ଓ ଛାତ୍ରବୃତ୍ତି ମିଳିବ। ପୁଅ ପାଇବେ ୧୨ ହଜାର, ଝିଅ ପାଇବେ ୧୪ ହଜାର ଟଙ୍କା।

ସେ ପୁଣି କହିଲେ ଯେ ବିଏସ୍‌କେୱାଇରେ ଶତ ପ୍ରତିଶତ ପରିବାର ସାମିଲ ହେବେ। ଆୟୁଷ୍ମାନ ଯୋଜନାରେ କେବଳ ବିପିଏଲ୍ ପରିବାର ଏହି ସୁବିଧା ପାଇବେ, ଅନ୍ୟମାନେ ପାଇବେ ନାହିଁ। ମମତା ଯୋଜନାରେ ନବୀନ ବାବୁଙ୍କ ସରକାର ମା' ମାନଙ୍କୁ ୧୦ ହଜାର ଟଙ୍କା ଦେଉଛନ୍ତି, ଡବଲ ଇଞ୍ଜିନ ସରକାର ୬ ହଜାର ଟଙ୍କା ଦେଉଛନ୍ତି। ସାମାଜିକ ସୁରକ୍ଷା ଯୋଜନାରେ ଡବଲ ଇଞ୍ଜିନ ସରକାର ୩୦୦ ଟଙ୍କା ଭତ୍ତା ଦେଉଛନ୍ତି, ଆମେ ଦେଉଛୁ ୧ ହଜାର ଟଙ୍କା। ସେମାନେ ମା' ମାନଙ୍କୁ ୫୦ ହଜାର ଟଙ୍କା ଦେବେ ବୋଲି କହୁଛନ୍ତି। ୨୦୧୪ରେ ସେମାନେ ପ୍ରତ୍ୟେକଙ୍କୁ ୧୫ ଲକ୍ଷ ଟଙ୍କା ଦେବେ ବୋଲି ଘୋଷଣା କରି ସରକାରକୁ ଆସିଥିଲେ। ଆଜିଯାଏ ୧୫ ଲକ୍ଷ ଟଙ୍କା ଆପଣମାନେ ପାଇଲେଣି କି? ଦରଦାମ କମିଲା କି? ତେଣୁ ସେମାନେ ଯାହା ବି କହୁଛନ୍ତି ସବୁ ମିଛ। ନିର୍ବାଚନ ସମୟରେ ବଡ ବଡ କଥା କହିବେ, ନିର୍ବାଚନ ସରିଗଲେ ଦେଖା ମିଳିବ ନାହିଁ। ତେଣୁ ବିଜେଡିର ପ୍ରାର୍ଥୀଙ୍କୁ ଭୋଟ ଦିଅନ୍ତୁ। ଆମ ସମସ୍ତଙ୍କ ସମ୍ମାନ ଓ ମୁଖ୍ୟମନ୍ତ୍ରୀଙ୍କ ସମ୍ମାନ ରକ୍ଷା ଦୃଷ୍ଟିରୁ ବିଜେଡି ପ୍ରାର୍ଥୀଙ୍କୁ ରେକର୍ଡ଼ ବ୍ୟବଧାନରେ ବିଜୟୀ କରନ୍ତୁ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଭଦ୍ରକ ସାଂସଦ ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳ, ବାସୁଦେବପୁର ବିଧାୟକ ପ୍ରାର୍ଥୀ ବିଷ୍ଣୁବ୍ରତ ରାଉତରାୟ ଓ ଚାନ୍ଦବାଲି ବିଧାୟକ ପ୍ରାର୍ଥୀ ବ୍ୟୋମକେଶ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

■ ବିଧାନସଭା ନିର୍ବାଚନ

# ୧୨୮୫ ପ୍ରାର୍ଥୀଙ୍କ ମଧ୍ୟରୁ ୪୧୨ ଜଣ କୋଟିପତି

**ଭୁବନେଶ୍ୱର, ୨୭।୫(ସମିସ):** ରାଜ୍ୟରେ ଚଳିତ ବିଧାନସଭା ନିର୍ବାଚନରେ ମୋଟ ୧୨୮୫ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି। ଏଡ଼ିଆର୍ ରିପୋର୍ଟ ଅନୁସାରେ ମୋଟ ୧୨୮୩ ପ୍ରାର୍ଥୀଙ୍କ ମଧ୍ୟରୁ ୩୪୮ ପ୍ରାର୍ଥୀଙ୍କ ନାମରେ ରହିଛି ଅପରାଧିକ ମାମଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବିଜେପିର ୧୪୭ ବିଧାନସଭା ପ୍ରାର୍ଥୀଙ୍କ ମଧ୍ୟରୁ ୧୦୦ ଜଣଙ୍କ ନାମରେ ରହିଛି ଅପରାଧିକ ମାମଲା। ସେହିପରି ଚଳିତ ନିର୍ବାଚନରେ ବିଭିନ୍ନ ବିଧାନସଭା କ୍ଷେତ୍ରରେ ୪୧୨ ଜଣ କୋଟିପତି ପ୍ରାର୍ଥୀ ରହିଛନ୍ତି ବୋଲି ଏଡ଼ିଆର୍ ରିପୋର୍ଟରେ ପ୍ରକାଶ ପାଇଛି।

- **୩୪୮ ଜଣ ପ୍ରାର୍ଥୀଙ୍କ ନାମରେ ଅପରାଧିକ ମାମଲା**
- **ବିଜେପିର ୧୦୦ ପ୍ରାର୍ଥୀଙ୍କ ନାମରେ ଅପରାଧ ମାମଲା**

ରିପୋର୍ଟ ଅନୁଯାୟୀ ମୋଟ ୧୨୮୫ ପ୍ରାର୍ଥୀଙ୍କ ମଧ୍ୟରୁ ଜାତୀୟ ଦଳର ୪୨୮ ପ୍ରାର୍ଥୀ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ଆଞ୍ଚଳିକ ଦଳର ୨୦୭ ପ୍ରାର୍ଥୀ ଅଛନ୍ତି। ସେହିପରି ୪୨୫ ଜଣ ସ୍ୱାଧୀନ ପ୍ରାର୍ଥୀ ବିଧାନସଭା ଆସନ ପାଇଁ ନିଜର ଭାଗ୍ୟ ପରୀକ୍ଷା କରୁଛନ୍ତି। ବିଜେପିର ୧୪୭ ପ୍ରାର୍ଥୀଙ୍କ ମଧ୍ୟରୁ ୧୦୦ ପ୍ରାର୍ଥୀଙ୍କ ନାମରେ ଅପରାଧିକ ମାମଲା ରହିଥିବା ବେଳେ କଂଗ୍ରେସର ୬୦ ଜଣ ଏବଂ ବିଜେଡିର ୪୬ ପ୍ରାର୍ଥୀଙ୍କ ନାମରେ ଅପରାଧିକ ମାମଲା ରହିଛି। ସେହିପରି ମୋଟ ପ୍ରାର୍ଥୀଙ୍କ ମଧ୍ୟରୁ ୨୯୨ ପ୍ରାର୍ଥୀଙ୍କ ନାମରେ ଗୁରୁତର ଅପରାଧିକ ମାମଲା ରହିଥିବା ଏଡିଆର୍ ନିଜ ରିପୋର୍ଟରେ ଦର୍ଶାଇଛି। କୋଟିପତି ପ୍ରାର୍ଥୀଙ୍କ ମଧ୍ୟରେ ବିଜେଡିର ସର୍ବାଧିକ ୧୨୮ ଜଣ ଥିବାବେଳେ ବିଜେପିର ୯୬ ଏବଂ କଂଗ୍ରେସର ୮୮ ଜଣ ପ୍ରାର୍ଥୀ ରହିଛନ୍ତି। ରାଉରକେଲାର ବିଜେପି ବିଧାୟକ ପ୍ରାର୍ଥୀ ଦିଲ୍ଲୀପ ରାୟ ସବୁଠାରୁ ଧନୀ ପ୍ରାର୍ଥୀ ଓ ତାଙ୍କ ନିକଟରେ ୩୧୩ କୋଟି ଟଙ୍କାରୁ ଅଧିକ ସମ୍ପତ୍ତି ରହିଛି। ସେହିପରି ୫ ଜଣ ବିଧାୟକ ପ୍ରାର୍ଥୀଙ୍କ ପାଖରେ ଆଦୌ ସମ୍ପତ୍ତି ନାହିଁ।

## ନିର୍ବାଚନ ଆଚରଣବିଧି ଉଲ୍ଲଙ୍ଘନ ଅଭିଯୋଗରେ କୃଷିମିତ୍ର ବହିଷ୍କୃତ

**କଟକ, ୨୭।୫ (ସମିସ):** ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ ଅଭିଯୋଗରେ କୃଷିମିତ୍ରଙ୍କୁ କାର୍ଯ୍ୟରୁ ବହିଷ୍କୃତ କରିଛନ୍ତି କଟକ ଜିଲ୍ଲାପାଳ। ସୂଚନା ଅନୁଯାୟୀ, ନରସିଂହପୁରସ୍ଥିତ ବୋକଡା ପଞ୍ଚାୟତର କୃଷିମିତ୍ର ହେମନ୍ତ ବେହେରା ଚଳିତବର୍ଷ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିଲେ। ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ କରିଥିବାରୁ ତାଙ୍କ ବିରୁଦ୍ଧରେ ଅଭିଯୋଗ ହୋଇଥିଲା। ନରସିଂହପୁର ବ୍ଲକ୍‌ର ନ୍ୟାୟନ ଅଧିକାରୀଙ୍କ ରିପୋର୍ଟ ଆଧାରରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ଅରିନ୍ଦମ ଡାକୁଆ ତାଙ୍କୁ କାର୍ଯ୍ୟରୁ ବହିଷ୍କାର କରିଛନ୍ତି।

## ସିପିଇଟି ଆବେଦନ ଅବଧି ବଢ଼ାଇବାକୁ ଦାବି

**ଭୁବନେଶ୍ୱର, ୨୭।୫ (ସମିସ):** ଏକକ ପିଜି ପ୍ରବେଶିକା ପରୀକ୍ଷା (ସିପିଇଟି) ପାଇଁ ଆବେଦନ ଅବଧି ଆଜି ଶେଷ ହେଉଛି। ସ୍ନାତକୋତ୍ତର (ପିଜି) ପାଠ୍ୟକ୍ରମରେ ନାମଲେଖା ପାଇଁ ୬୨ହଜାର ୮୫୩ ଜଣ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି। ତନ୍ମଧ୍ୟରୁ ୬୨ହଜାର ୧୯୯ ଜଣ ଆବଶ୍ୟକ ଫିଂ ଦାଖଲ କରିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ୬୫୪ଜଣ ଆବେଦନକାରୀ ଫିଂ ଦାଖଲ କରିନାହାନ୍ତି। ଆବେଦନକାରୀଙ୍କ ମଧ୍ୟରେ ୪୩ ହଜାର ୫୦୧ଜଣ ଛାତ୍ରୀ ଥିବା ବେଳେ ୨୧ହଜାର ୨୫୯ଜଣ ଛାତ୍ରୀ ରହିଛନ୍ତି। ଗତ ୧୮ ତାରିଖରୁ ଆବେଦନ ଆରମ୍ଭ ହୋଇ ୧୦ ଦିନ ପର୍ଯ୍ୟନ୍ତ ଚାଲିଛି। ଏହି ସ୍ୱଳ୍ପ ସମୟ ଅବଧି ମଧ୍ୟରେ ବହୁ ଛାତ୍ରଛାତ୍ରୀ ଆବେଦନ କରିପାରି ନଥିବା ଅଭିଯୋଗ ହୋଇଛି। ସଂପ୍ରତି ରାଜ୍ୟରେ ନିର୍ବାଚନ ପ୍ରକ୍ରିୟା ଚାଲୁଥିବାରୁ ଆବେଦନ କରିବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ଛାତ୍ରଛାତ୍ରୀମାନେ ପାଇ ପାରି ନଥିବା ଅଭିଯୋଗ କରିଛନ୍ତି। ଶେଷ ସମୟରେ ବହୁ ଆବେଦନ ହେଉଥିବା ଦେଖାଯାଇଥିବା ବେଳେ ସାମ୍ସ୍ ପୋର୍ଟାଲ୍ ଧୀମା ଚାଲୁଥିବା ମଧ୍ୟ ଛାତ୍ରଛାତ୍ରୀମାନେ ପ୍ରକାଶ କରିଛନ୍ତି। ଏଣୁ ଆବେଦନ ଅବଧିକୁ ବଢ଼ାଇବାକୁ ବହୁ ଛାତ୍ରଛାତ୍ରୀ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ବିଜ୍ଞପ୍ତି ଅନୁଯାୟୀ ଜୁନ୍ ୨୨ତାରିଖରେ ଆଡମିଟ୍ କାର୍ଡ ଉପଲବ୍ଧ ହେବ। ପ୍ରବେଶିକା ପରୀକ୍ଷା ଜୁଲାଇ ୩ତାରିଖରୁ ୧୪ତାରିଖ ମଧ୍ୟରେ ଅନୁଷ୍ଠିତ ହେବ।

## ବିଜେପିରୁ ଇସ୍ତଫା ଦେଲେ ମହିଳା ମୋର୍ଚ୍ଚା ନେତ୍ରୀ ହରପ୍ରିୟା

**ଭୁବନେଶ୍ୱର ୨୭।୫(ସମିସ):** ବିଜେପିରେ ଜାରି ରହିଛି ଇସ୍ତଫା ପତ୍ର। ରାଜ୍ୟର ବିଭିନ୍ନ ଜିଲ୍ଲାର ନେତାମାନେ ସ୍ୱେଚ୍ଛାଚାରିତାରେ ଅତିଷ୍ଠ ହୋଇ ଜଣକ ପରେ ଜଣେ ଦଳ ଛାଡ଼ିବାରେ ଲାଗିଛନ୍ତି। ଏହି କ୍ରମରେ ଭଦ୍ରକ ବିଜେପି ମହିଳା ମୋର୍ଚ୍ଚାର ପୂର୍ବତନ ସଭାନେତ୍ରୀ ହରପ୍ରିୟା ସାହୁ ବିଜେପିରୁ ଇସ୍ତଫା ଦେଇଛନ୍ତି। ସେ ନିଜର ଇସ୍ତଫା ପତ୍ର ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନିକଟକୁ ପଠାଇଛନ୍ତି। ୨୦୧୮ ମସିହାରୁ ହରପ୍ରିୟା ବିଜେପିର ଜଣେ ସକ୍ରିୟ ସଦସ୍ୟ ଥିଲେ ଓ ଦଳ ପାଇଁ ନିଷ୍ଠାପର କାର୍ଯ୍ୟ କରୁଥିଲେ। ମାତ୍ର ଦଳୀୟ ନେତାଙ୍କ ଆଭିମୁଖ୍ୟକୁ ବିରୋଧ କରି ସେ ବିଜେପି ଛାଡ଼ିଥିବା ସୂଚନା ମିଳିଛି।

**ସିଆଟେଲ ଓଡ଼ିଆ ସମାଜ ପକ୍ଷରୁ ଭବ୍ୟ ଭାରତ ଦିବସ ପାଳିତ**

## ପ୍ରବାସରେ ଓଡ଼ିଶାର କଳା-ସଂସ୍କୃତି-ଐତିହ୍ୟର ଝଲକ

**କଟକ, ୨୭।୫ (ସମିସ):** ଆମେରିକାର ସିଆଟେଲଠାରେ ରହୁଥିବା ପ୍ରବାସୀ ସିଆଟେଲ ଓଡ଼ିଆ ସମାଜ ପକ୍ଷରୁ ଭାରତ ଦିବସ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି।




ସିଆଟେଲ ଡାଉନ ଟାଉନ୍ କନଭେନସନ୍ ସେଣ୍ଟରଠାରେ ଆୟୋଜିତ ଏହି ଭବ୍ୟ ମହୋତ୍ସବକୁ ଭାରତୀୟ କନସୁଲେଟ ଜେନେରାଲ ପ୍ରକାଶ ଗୁପ୍ତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି, ସଙ୍ଗୀତ ଓ ଐତିହ୍ୟର ଭବ୍ୟ ପ୍ରଦର୍ଶନୀ ଦର୍ଶକମାନଙ୍କୁ ବିମୋହିତ କରିଥିଲା। ବିଶେଷକରି ବିଶ୍ୱ ଐତିହ୍ୟରେ ସ୍ଥାନିତ କୋଣାର୍କ ଚକ୍ର, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥ, ଓଡ଼ିଶାର ବିବିଧ ପର୍ବପର୍ବାଣୀ, ପାରମ୍ପରିକ ଓଡ଼ିଆ ଖାଦ୍ୟ, ବାଲୁକାଶିଳ୍ପ, ଜାତୀୟ କ୍ରୀଡ଼ା ହକି, ସମ୍ବଲପୁରୀ ଓ ଓଡ଼ିଶୀ ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ଓଡ଼ିଶାର ସୁପରିଚିତ ରୁଚି ଶିଳ୍ପୋଦ୍ୟୋଗର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଶରତ କୁମାର ସାହୁ ଏ ଶୁଭ ଅବସରରେ ପ୍ରବାସୀ ଓଡ଼ିଆଙ୍କୁ ଶୁଭେଚ୍ଛା ଜଣାଇଥିଲେ।

ସିଆଟେଲ ଓଡ଼ିଆ ସମାଜ ପକ୍ଷରୁ ଅମୂଲ୍ୟ ଦାସ, ଦେବଦତ୍ତ ଦାଶ, ଅମ୍ରିତା ମହାପାତ୍ର, ଅଭୀପ୍ସା ବେହୁରିଆ, ସଂଘମିତ୍ରା ପଟ୍ଟନାୟକ, ଲୋପାମୁଦ୍ରା ରାୟ, ଅଲିଶା ଦାସ, ପିୟୋନି ପଟ୍ଟନାୟକ, ଗୁଡ଼ିୟା ସିଂହ, ସ୍ୱଧା ଟୋଡ଼ି, ବିଶ୍ୱଜିତ ଜେନା, ରାକେଶ ପଟ୍ଟନାୟକ, ବିଭୁପ୍ରସାଦ ମହାନ୍ତି, ନାରାୟଣ ମିଶ୍ର, ଦୀପକ ପାଣି, ଅଶୋକ ଦାସ, ଧୀରେନ୍ଦ୍ର ଭୂପତି, ଗୋପାଳ ପଣ୍ଡା, ନନ୍ଦନ ମହାନ୍ତି, ମନୋଜ ନନ୍ଦ, ଅମନ ହୋତା, ପ୍ରଜ୍ଞା ପ୍ରଚେତା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ମହୋତ୍ସବରେ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଓଡ଼ିଆ ପରିବାର ଏବଂ ଅନ୍ୟ ମାନ୍ୟଗଣ୍ୟ ଅତିଥିମାନେ ଯୋଗ ଦେଇଥିଲେ। 'ରୁଚି' ପରିବାର ପକ୍ଷରୁ ବିଭୁ ମହାନ୍ତି ସମସ୍ତ ବରିଷ୍ଠ ସହଯୋଗୀ ଓ ଓଡ଼ିଆ ସମାଜର ପ୍ରତିନିଧିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମୁଣ୍ଡାସାହି ମହିଳାଙ୍କ ପାଖରେ ପହଞ୍ଚିନି 'ଖୁସି'

**ଭୁବନେଶ୍ୱର, ୨୭।୫(ସୁମିତ୍ରା ସାହୁ):** ପ୍ରତିବର୍ଷ ମେ' ୨୮କୁ 'ବିଶ୍ୱ ଋତୁସ୍ରାବ ପରିଚ୍ଛନ୍ନତା ଦିବସ' ଭାବେ ପାଳନ କରାଯାଇ ଆସୁଛି। ଚଳିତ ବର୍ଷ ଏହି ଦିବସର ଥିମ୍ ରହିଛି 'ପିରିୟଡ୍ ଫ୍ରେଣ୍ଡଲି ୱାର୍ଲଡ' ଅର୍ଥାତ୍ ପିରିୟଡ୍ ବା ଋତୁସ୍ରାବ ବିଷୟରେ ସମସ୍ତଙ୍କ ସହ ଖୋଲାଖୋଲି ଆଲୋଚନା କରିବା। ବିଭିନ୍ନ ବେସରକାରୀ ସଂସ୍ଥା, ବ୍ୟକ୍ତିବିଶେଷ ଓ ସରକାରୀ ଭାବେ ଏ ଦିଗରେ ସଚେତନତା ସୃଷ୍ଟି ପାଇଁ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି। ଅନେକ ସ୍ଥାନରେ ସରକାର ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ବିନା ମୂଲ୍ୟରେ ନାପ୍‌କିନ୍ ଯୋଗାଇ ଦିଆଯାଉଛି। ହେଲେ ଏହି ସରକାରୀ ଯୋଜନା ଅନେକଙ୍କ ପାଇଁ ସ୍ୱପ୍ନ ପାଲଟିଛି। ଏହାର ଏକ ଉଦାହରଣ ରାଜଧାନୀ ଭୁବନେଶ୍ୱରରୁ ମାତ୍ର ୨୦ କିମି ଦୂରରେ ରହିଥିବା କନ୍ଦଳେଇ ଗ୍ରାମରେ ଦେଖିବାକୁ ମିଳିଛି। ଗ୍ରାମର ମୁଣ୍ଡାସାହି ମହିଳାଙ୍କ ପାଖରେ ପହଞ୍ଚିପାରିନି ସରକାରଙ୍କ 'ଖୁସି' ଯୋଜନା।

**ଆଜି ବିଶ୍ୱ ଋତୁସ୍ରାବ ପରିଚ୍ଛନ୍ନତା ଦିବସ**

ରାଜଧାନୀ ଉପକଣ୍ଠ ଛତାବର ପଞ୍ଚାୟତ ବିଞ୍ଝଗିରି ଅଧୀନରେ ପାହାଡ଼ ଜଙ୍ଗଲଘେରା ଆଦିବାସୀ ଗ୍ରାମ କନ୍ଦଳେଇ ମୁଣ୍ଡାସାହି ଗ୍ରାମରେ ଏବେ ବି ମହିଳା ଓ କିଶୋରୀମାନେ ମାସିକ ଋତୁସ୍ରାବ ସମୟରେ ବ୍ୟବହାର କରୁଛନ୍ତି କପଡ଼ା। ସହରୀ ସଭ୍ୟତାଠାରୁ ଏକପ୍ରକାର ବିଚ୍ଛିନ୍ନାଞ୍ଚଳ ଭାବେ ରହିଯାଇଥିବା ଏହି ଆଦିବାସୀ ଗ୍ରାମରେ ବାସ କରନ୍ତି ପ୍ରାୟ ୨୦୦ ପରିବାର। ସେମାନଙ୍କ ମଧ୍ୟରେ ରହିଛନ୍ତି ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ମହିଳା ଓ ୨୦ଜଣ କିଶୋରୀ। ଏଠାରେ ବାସ କରୁଥିବା ପ୍ରତ୍ୟେକ ପରିବାରର ସଦସ୍ୟ ଦିନମଜୁରିଆ। ତେଣୁ ସେମାନେ ବଜାରରୁ ପ୍ରତି ମାସରେ ସାନିଟାରି ପ୍ୟାଡ୍ କିଣିବା ସମ୍ଭବ ହେଉ ନଥିବାରୁ କପଡ଼ା ବ୍ୟବହାର କରୁଥିବା କହିଛନ୍ତି। ଏଠାରେ ଏବେ ବି ଅନେକ ମହିଳା ଓ କିଶୋରୀ ଏହାକୁ ପାରମ୍ପରିକ ସାମାଜିକ ଲଜ୍ଜା ଭାବେ ଗ୍ରହଣ କରିନେଇଛନ୍ତି।

ବାଳିକାଙ୍କୁ ଋତୁସ୍ରାବ ସଂକ୍ରମଣରୁ ସୁରକ୍ଷା ଦେବା ଲାଗି ଓଡ଼ିଶା ସରକାର ଆରମ୍ଭ କରିଛନ୍ତି 'ଖୁସି' ଯୋଜନା। ଏହି ଯୋଜନାରେ ୬ରୁ ୧୨ ଶ୍ରେଣୀ ବାଳିକାଙ୍କୁ ସମସ୍ତ ସରକାରୀ ବିଦ୍ୟାଳୟରେ ମାସିକ ୧୮ଟି ନାପକିନ୍ ମାଗଣା ଯୋଗାଇ ଦିଆଯିବା ସହ ସ୍ଥାନୀୟ ଅଙ୍ଗନବାଡ଼ି କର୍ମୀଙ୍କଠାରୁ ୬ଟଙ୍କାରେ ପ୍ୟାଡ୍ ମଧ୍ୟ କିଣିପାରିବେ ମହିଳା ଓ କିଶୋରୀ। ତେବେ କନ୍ଦଳେଇ ମୁଣ୍ଡାସାହି ଗ୍ରାମବାସୀଙ୍କ କହିବା ଅନୁସାରେ, ବିଞ୍ଝଗିରି ଗାଁରେ ରହୁଥିବା ଆଶା ଓ ଅଙ୍ଗନବାଡ଼ି ଦିଦି କେବେ ଏ ସମ୍ପର୍କରେ ସେମାନଙ୍କୁ ଜଣାଇନାହାନ୍ତି। ଏ ଯୋଜନା ବିଷୟରେ ଜାଣି ନଥିବାରୁ ବର୍ଷ ବର୍ଷ ଧରି କପଡ଼ା ବ୍ୟବହାର କରିଆସୁଛୁ। ଏ ସଂପର୍କରେ ସରପଞ୍ଚ ବିଷ୍ଣୁ ପ୍ରସାଦ ଡେଙ୍ଗ କହିଛନ୍ତି ଯେ ଏ ସମ୍ପର୍କରେ କେବେ ଅଭିଯୋଗ ଆସି ନଥିବାରୁ ମୁଁ ଜାଣିନଥିଲି। ତୁରନ୍ତ ସ୍ଥାନୀୟ ଆଶାକର୍ମୀ ଓ ଅଙ୍ଗନାବାଡି କର୍ମୀଙ୍କ ସହ ଆଲୋଚନା କରି ଏହି ସୁବିଧା ସମସ୍ତଙ୍କ ନିକଟରେ ପହଞ୍ଚାଇବାକୁ ପ୍ରୟାସ କରିବି।

ଏକ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ଦେଶରେ ୧୫ରୁ ୨୪ବର୍ଷ ବୟସ ମଧ୍ୟରେ ୫୦ ପ୍ରତିଶତ କିଶୋରୀ ଋତୁସ୍ରାବ ସମୟରେ କପଡ଼ା ବ୍ୟବହାର କରୁଥିଲା ବେଳେ ଓଡ଼ିଶାରେ ଏହି ହାର ମାତ୍ର ୪୨.୮ ପ୍ରତିଶତ। କେନ୍ଦ୍ର ସରକାରଙ୍କ ରିପୋର୍ଟ ଅନୁଯାୟୀ, ୨୦୧୫-୧୬ରେ ଦେଶରେ ୬୨.୧ ପ୍ରତିଶତ ମହିଳା କପଡ଼ା ବ୍ୟବହାର କରୁଥିଲେ ଏବଂ ୨୦୧୯-୨୦ରେ ଏହି ସଂଖ୍ୟା ହ୍ରାସ ପାଇ ୪୯.୧ ପ୍ରତିଶତରେ ପହଞ୍ଚିଛି।



# ଭୁବନେଶ୍ୱର ସିଟି

## ସରକାରୀ ଜମି ଦଖଲର ନୂଆ ତରିକା

# ‘ଅସ୍ଥାୟୀ’ ଆଳରେ ସ୍ଥାୟୀ ଜବର୍‌ଦଖଲ

ଭୁବନେଶ୍ୱର, ୨୭ ।୫(ସମିସ)

ରାଜଧାନୀରେ ଜମି ଜବରଦଖଲର ଏକ ନୂଆ ତରିକା ‘ଅସ୍ଥାୟୀ ବଜାର’। ଅସ୍ଥାୟୀ ବ୍ୟବସାୟ କରିବାକୁ ଚାହୁଁଥିବା ଦୋକାନୀଙ୍କୁ ସହରର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ବ୍ୟବସାୟ କରିବାକୁ ବିଏମ୍‌ସି ପକ୍ଷରୁ ଅନୁମତି ଦିଆଯିବାର ବ୍ୟବସ୍ଥା ରହିଛି । ହେଲେ ଅନୁମତିର ଅବଧି ଶେଷ ହେବା ପରେ କିଛି ବ୍ୟବସାୟୀ ବିଏମ୍‌ସିର ନିୟମକୁ ଖୋଲାଖୋଲି ଉଲ୍ଲଙ୍ଘନ କରୁଛନ୍ତି। ଅସ୍ଥାୟୀ ବଜାର ଆଳରେ ଏମାନେ ଏଠାରେ ସ୍ଥାୟୀ ହୋଇଯାଉଛନ୍ତି। ଏହି ବାଟରେ ସହର ଭିତରେ ଥିବା ମୂଲ୍ୟବାନ ସରକାରୀ ଜମି ଜବରଦଖଲକାରୀଙ୍କ ହାତକୁ ଚାଲିଯାଉଛି। ହେଲେ ବିଏମ୍‌ସି ସେମାନଙ୍କ ବିରୋଧରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ବିଏମ୍‌ସିର କିଛି କର୍ମଚାରୀ ଏବଂ ଜବରଦଖଲକାରୀଙ୍କ ଭିତିରି ବୁଝାମଣାରେ ଏଭଳି ଜବରଦଖଲକୁ ପୂର୍ଣ୍ଣରୂପ ଦେଉଛନ୍ତି ବୋଲି ଅଭିଯୋଗ ହେଉଛି।



**ଅସାଧୁ ବ୍ୟବସାୟୀଙ୍କ ସହ କର୍ମଚାରୀଙ୍କ ଭିତିରି ବୁଝାମଣା**

ରାଜଧାନୀର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ସହିଦନଗର, ବାପୁଜୀନଗର, ଖଣ୍ଡଗିରି, କଟକରୋଡ୍, ବମିଖାଲ, ଲକ୍ଷ୍ମୀସାଗର, କଳ୍ପନା ଛକ ଏବଂ ମାଷ୍ଟର କ୍ୟାଣ୍ଟିନ୍‌ଠାରୁ ବାଣୀବିହାର ପର୍ଯ୍ୟନ୍ତ ସ୍ମାର୍ଟ ସିଟି ଅଞ୍ଚଳରେ ବିଏମ୍‌ସି ସିଜିନ୍ ବ୍ୟବସାୟ କରୁଥିବା ଅସ୍ଥାୟୀ ବ୍ୟବସାୟୀଙ୍କୁ ରାଜରାସ୍ତା କଡ଼ରେ ଅନୁମତି ପ୍ରଦାନ କରୁଛି। ଗ୍ରୀଷ୍ମ ଋତୁରେ ପ୍ରବଳ ଗରମ ବେଳେ ଲସି ଦୋକାନ, ଧଳା ଗାର୍ମେଣ୍ଟସ୍ ବଜାରର ଅନୁମତି ଦିଆଯାଏ। ସେହିପରି ବର୍ଷା ଦିନେ ଛତା ଏବଂ ରେନ୍‌କୋଟ୍ ବିକ୍ରି କରିବା, ଶୀତଦିନେ ଶୀତବର୍ଷ ବ୍ୟବସାୟ ପାଇଁ ଏଭଳି ଦୋକାନକୁ ଅନୁମତି ଦିଆଯାଇଥାଏ। ଏହା ବ୍ୟତୀତ ପ୍ଲାଷ୍ଟିକ୍, ଫଳ, ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରିବାକୁ ଦୋକାନୀମାନେ ବିଏମ୍‌ସି ଠାରୁ ସ୍ୱଳ୍ପ ସମୟ ପାଇଁ ଅନୁମତି ନେଇଥାନ୍ତି। ଜଣେ ବ୍ୟବସାୟୀ କେତେଦିନ ପାଇଁ ବ୍ୟବସାୟ କରିବାକୁ ଚାହୁଁଛନ୍ତି। ରାଜଧାନୀ କେଉଁଠି ବ୍ୟବସାୟ କରିବାକୁ ଚାହୁଁଛନ୍ତି। କ’ଣ ବ୍ୟବସାୟ କରିବାକୁ ଚାହୁଁଛନ୍ତି। ଏଥିପାଇଁ କେତେ ଜାଗା ଅବଶ୍ୟକ କରୁଛନ୍ତି। ଏହାର ସବିଶେଷ ବିବରଣୀ ଲିଖିତ ଭାବେ ବିଏମ୍‌ସିକୁ ଜଣାଇଥାନ୍ତି। ବିଏମ୍‌ସିର ଲ୍ୟାଣ୍ଡ ସେକ୍ସନ ଏହାକୁ ସମ୍ପୃକ୍ତ ଜୋନ୍‌କୁ ପଠାଇଥାନ୍ତି। ଏହାପରେ ଜୋନ୍‌ସ୍ତରର ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥାନ ଚିହ୍ନଟ କରିଥାନ୍ତି। ବ୍ୟବସାୟୀ ଜଣଙ୍କ ସ୍ୱଳ୍ପ ସମୟ ଅବଧି ପାଇଁ ଅଧିକୃତ କରିବାକୁ ଯାଉଥିବା ଜମିର କ୍ଷେତ୍ରଫଳ ଏବଂ ସମୟସୀମାକୁ ନିର୍ଦ୍ଧାରଣ କରି ବିଏମ୍‌ସି ତାଙ୍କ ଠାରୁ ଫି’ ଆଦାୟ କରେ। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଜଣେ ବ୍ୟବସାୟୀଙ୍କ ସମୟସୀମା ଶେଷ ହେବା ପରେ ତୁରନ୍ତ ଦ୍ୱିତୀୟ ଥର ପାଇଁ ନିର୍ଦ୍ଦିଷ୍ଟ ସ୍ଥାନରେ ଆଉ ଅନୁମତି ଦିଆଯାଏ ନାହିଁ। ସମୟସୀମା ବୃଦ୍ଧି କରିବାକୁ ହେଲେ ଅସ୍ଥାୟୀ ଦୋକାନୀଙ୍କୁ ଅନ୍ୟ ଏକ ସ୍ଥାନ ବାଛିବାକୁ ପଡ଼ିଥାଏ।

ଏଭଳି ଅନେକ ବ୍ୟବସାୟୀ ଅଛନ୍ତି ତାଙ୍କ ସମୟସୀମା ଶେଷ ହେବା ପରେ ମଧ ସେମାନେ ସେହି ସ୍ଥାନ ଛାଡ଼ିନାହାନ୍ତି। ମୂଲ୍ୟବାନ ସରକାରୀ ଜମିକୁ ଜବରଦଖଲକୁ ନେଇ ଯାଉଛନ୍ତି। ବିଏମ୍‌ସି କର୍ମଚାରୀ ଏବଂ ବ୍ୟବସାୟଙ୍କ ଭିତିରି ବୁଝାମଣା ଯୋଗୁଁ ଅଧିକୃତ ଜମିରୁ ହଟିବାକୁ କୁହାଯାଉ ନାହିଁ। କାଗଜପତ୍ରରେ ଦୋଷ ଛଡ଼ାଇବାକୁ ନୋଟିସ୍ ଜାରି ହେଉଥିଲେ ମଧ ପ୍ରକୃତରେ ବ୍ୟବସାୟୀଙ୍କ ବିରୋଧରେ କୌଣସି କର୍ଯ୍ୟାନୁଷ୍ଠାନ ହେଉନାହିଁ। ଏଭଳି ହେବା ଦ୍ୱାରା ବିଏମ୍‌ସିର ରାଜସ୍ୱ କମିବା ସହିତ ରାଜଧାନୀରେ ଜବରଦଖଲ ବୃଦ୍ଧି ପାଇବାରେ ଲାଗିଛି।

## ବାପାଙ୍କ ସାଙ୍ଗକୁ ଆକ୍ରମଣ କରି ଗିରଫ



ଭୁବନେଶ୍ୱର, ୨୭।୫ (ସମିସ): ବାପାଙ୍କ ସାଙ୍ଗକୁ ଆକ୍ରମଣ କରିଥିବା ଅଭିଯୋଗରେ ଯୁବକଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ନୂଆପଲ୍ଲୀ ଗଡ଼ସାହିର ଶିବ ପ୍ରସାଦ ଜେନା (୨୪)। ପୁଲିସ ସୂଚନା ଅନୁସାରେ, ଗତକାଲି ସନ୍ଧ୍ୟା ସମୟରେ ଦେବାଶିଷ ରାଉତରାୟ ଓ ତାଙ୍କର ଅନ୍ୟ ୨ ଜଣ ବନ୍ଧୁଙ୍କ ସହିତ ଗଡ଼ସାହି ବାଲୁଙ୍କେଶ୍ୱର ପୋଖରୀ ପାଖରେ ବସି କଥାବାର୍ତ୍ତା ହେଉଥିଲେ। ସେହି ସମୟରେ ଶିବ ସେଠାକୁ ଆସି ‘ମୋ ବାପାଙ୍କ ବିଷୟରେ କାହିଁକି ଆଲୋଚନା କରୁଛ’ ବୋଲି ପଚାରିଥିଲା। ତୁମ ବାପା ତ ମୋର ସାଙ୍ଗ ଆମେ କାହିଁକି ତାଙ୍କ ବିଷୟରେ ଆଲୋଚନା କରିବୁ ବୋଲି ଦେବାଶିଷ କହିଥିଲେ। ଏଥିରେ ଶିବ ରାଗିଯାଇ ଦେବାଶିଷଙ୍କୁ ଆକ୍ରମଣ କରିଥିଲେ। ଏହା ପରେ ଶିବ ତା’ର ସହଯୋଗୀମାନଙ୍କୁ ଘଟଣାସ୍ଥଳକୁ ଡାକି ମିଳିତ ଭାବରେ ଦେବାଶିଷଙ୍କୁ ଆକ୍ରମଣ କରିଥିଲେ। ଫଳରେ ଦେବାଶିଷ ରକ୍ତାକ୍ତ ଅବସ୍ଥାରେ ଅଚେତ ହୋଇ ପଡ଼ିଯିବା ପରେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଦେବାଶିଷ କ୍ୟାପିଟାଲ୍ ଡାକ୍ତରଖାନାରେ ଚିକିତ୍ସିତ ହେବାପରେ ନୂଆପଲ୍ଲୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁକରିବା ସହ ଶିବକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଶିବ ନାଁରେ ପୂର୍ବରୁ ନୂଆପଲ୍ଲୀ ଥାନାରେ ୫ ଟି ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

## ଝରକା ତାଡ଼ି ଗହଣା, ଟଙ୍କା ଲୁଟ୍

ଭୁବନେଶ୍ୱର, ୨୭।୫ (ସମିସ): ରାଜଧାନୀରେ ପୁଣି ସକ୍ରିୟ ହୋଇଛନ୍ତି ସିନ୍ଧି ଚୋର ଗ୍ୟାଙ୍ଗ। ଝରକା ତାଡ଼ି ନେଇ ଯାଇଛନ୍ତି ସୁନାଗହଣା ଓ ଟଙ୍କା। ଜାଗମରା ଶାନ୍ତି ବିହାର ଅଞ୍ଚଳରେ ଏଭଳି ଘଟଣା ଘଟିଛି। ଚିନ୍ମୟ ରଞ୍ଜନ ପାଢ଼ୀ ଏନେଇ ଖଣ୍ଡଗିରି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଚିନ୍ମୟଙ୍କ ପରିବାର ଲୋକେ ପୈତୃକ ଗାଁକୁ ଯାଇଥିବା ବେଳେ ସେ ଏକାକୀ ଘରେ ଥିଲେ। ଘଟଣା ଦିନ ଚିନ୍ମୟ ଅଫିସ ବାହାରି ଯାଇଥିଲେ। ଏହାପରେ ଦୁର୍ବୃତ୍ତମାନେ ତାଙ୍କ ଘରର ଝରକା ତାଡ଼ି ଭିତରେ ପଶିଥିଲେ। ଘର ଭିତରେ ଥିବା ଆଲମାରୀ ଲକ୍ ଭାଙ୍ଗି ସେଥିରେ ଥିବା ଦୁଇ ହଳ ରୁପା ପାଉଁଜି, ଗୋଟିଏ ସୁନା ଚେନ, ଗୋଟିଏ ସୁନା ମୁଦି ଓ ୩୦ ହଜାର ଟଙ୍କା ଚୋରି କରି ନେଇଥିଲେ। ଅଫିସରୁ ଫେରି ଚୋରି ହୋଇଥିବା ଦେଖିବା ପରେ ଚିନ୍ମୟ ଖଣ୍ଡଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ତାଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁକରି ତଦନ୍ତ କରୁଛି। ହେଲେ ଏଯାଏଁ ଦୁର୍ବୃତ୍ତଙ୍କ ସମ୍ପର୍କରେ କୌଣସି ସନ୍ଧାନ ପାଇ ପାରିନାହିଁ।

## ଦୁର୍ଘଟଣାରେ ୪ ଆହତ, ଅଟୋ ଚୁର୍‌ମାର୍

ନନ୍ଦନକାନନ, ୨୭।୫(ସମିସ): ବାରଙ୍ଗ ଥାନା ସମ୍ମୁଖରେ ଆଜି ଏକ ଦୁର୍ଘଟଣା ଘଟିଛି। ‘ମୋ ବସ’ ଡ୍ରାଇଭରଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁଁ ଦୁର୍ଘଟଣାରେ ଏକ ଅଟୋ ଚୁରମାର ହୋଇଯାଇଛି। ଅଟୋରେ ଯାଉଥିବା ୪ଜଣ ଗୁରୁତର ଆହତ ହୋଇ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁସାରେ ଦିନ ପ୍ରାୟ ସାଢ଼େ ୨ଟାରେ ଓଡି ୦୫ ଏଲ ୨୩୬୭ ନମ୍ବର ବିଶିଷ୍ଟ ଏକ ଅଟୋ ଯାତ୍ରୀ ନେଇ ବାରଙ୍ଗ ବ୍ଲକ ଆଡୁ ବାରଙ୍ଗ ଥାନା ଆଡ଼କୁ ଯାଉଥିଲା। ଏହି ସମୟରେ ଓଡି ୩୩ ଇଉ-୯୩୦୮ ନମ୍ବର ‘ମୋ ବସ’ଟି ଟ୍ରେନ ଲାଇନ ଓଭର ବ୍ରିଜ ନିକଟରେ ଅଟୋକୁ ହଠାତ ଅତିକ୍ରମ କରି ସାଇଡ୍ ମାରିବାରୁ ଅଟୋଟି ବସ୍‌ରେ ପିଟି ହୋଇଯାଇଥିଲା। ‘ମୋ ବସ୍’ ଡ୍ରାଇଭରକୁ ବାରଙ୍ଗ ଥାନାରେ ଅଟକ ରଖି ପଚରାଉଚରା କରାଯାଇଥିବା ଜଣାପଡ଼ିଛି।

## ଚିତ୍ତାକର୍ଷକ ନୃତ୍ୟରେ ବିଭୋର ଦର୍ଶକ




ଭୁବନେଶ୍ୱର, ୨୭ ।୫(ସମିସ): ଇସ୍କନ ମନ୍ଦିର ପକ୍ଷରୁ ଆୟୋଜିତ ଚନ୍ଦନ ମହୋତ୍ସବ ଉପଲକ୍ଷେ ‘ନୃତ୍ୟନିପୁଣା‘ ଓଡ଼ିଶୀ ନୃତ୍ୟ ଅନୁଷ୍ଠାନ ଦ୍ୱାରା ଓଡ଼ିଶୀ ନୃତ୍ୟ, ମାହାରୀ ନୃତ୍ୟ ଏବଂ ଭଜନ ନୃତ୍ୟ ପରିବେଷଣ କରାଯାଇଥିଲା। ଗୁରୁ ଡ. ପ୍ରିୟଙ୍କା ମିଶ୍ରଙ୍କ ପ୍ରଶିକ୍ଷଣରେ ଏବଂ ପ୍ରତିମା ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠାନର ନୃତ୍ୟାଙ୍ଗନାମାନେ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ। ଉପସ୍ଥିତ ଦର୍ଶକଙ୍କୁ ଏହି ନୃତ୍ୟ ବିଭୋର କରିଥିଲା। ନୃତ୍ୟଶିଳ୍ପୀମାନେ ହେଲେ ଅର୍ଚ୍ଚିତା, ନିଶିତା, ଆଶ୍ରିୟା, ସୋନାକ୍ଷୀ, ଅଂଶିତା, ଓଷ୍ଟି ଆକ୍ରିତି ଏବଂ ରିଶି।

## ମାଟ୍ରିକ୍, +୨ରେ ଶିଶୁ ମନ୍ଦିରର ସଫଳତା

ଭୁବନେଶ୍ୱର, ୨୭ ।୫(ସମିସ): ମାଟ୍ରିକ୍ ପରୀକ୍ଷାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରଛାତ୍ରୀଙ୍କ ପାସ୍ ହାର ରହିଛି ୯୯.୯୪ ପ୍ରତଶତ। ବିଦ୍ୟା ଭାରତୀ, ଶିକ୍ଷା ବିକାଶ ସମିତି ଦ୍ୱାରା ପରିଚାଳିତ ରାଜ୍ୟର ସମସ୍ତ ୩୦୪ଟି ଉଚ୍ଚ ବିଦ୍ୟାଳୟରୁ ୧୫ହଜାର ୬୨୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ୧୫ହଜାର ୬୧୬ ଜଣ ପାସ୍ କରିଛନ୍ତି। ବ୍ରହ୍ମପୁର ଜିଲ୍ଲା ନୀଳକଣ୍ଠନଗର ଶିଶୁ ବିଦ୍ୟା ମନ୍ଦିରର ଆୟୁଷ ଆଶୁତୋଷ ବେହେରା ୫୮୨ ନମ୍ବର ରଖି ଶିଶୁ ମନ୍ଦିର ଟପ୍ପର ହୋଇଛନ୍ତି। ଏ-୧ ବର୍ଗରେ ୫୪୪ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଥିବାବେଳେ ଏ-୨ରେ ୨୧୪୩ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ସମୁଦାୟ ୧୭୧୬ ଜଣ ଛାତ୍ରଛାତ୍ରୀ +୨ ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ୧୭୦୮ ଜଣ ବା ୯୯.୫୩% ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ବିଜ୍ଞାନରେ ୧୦୭୮ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ବାଣିଜ୍ୟରେ ୧୩୨ ଜଣ ଓ କଳାରେ ୨୯ ଜଣ ପ୍ରଥମ ଶ୍ରେଣୀରେ ପାସ୍ କରିଛନ୍ତି। ପରୀକ୍ଷାରେ ଉତ୍କର୍ଷତା ହାସଲ କରିଥିବାରୁ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ସଭାପତି, ସମ୍ପାଦକ, ସଂଗଠନ ମନ୍ତ୍ରୀ ଓ ସମସ୍ତ କାର୍ଯ୍ୟକର୍ତ୍ତା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜମାଇବା ସହ ପ୍ରଧାନଆଚାର୍ଯ୍ୟ, ଆଚାର୍ଯ୍ୟଆଚାର୍ଯ୍ୟା ଓ ଅଭିଭାବକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

■ ଷଷ୍ଠ ଜାତୀୟ ନାଟ୍ୟ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

## ‘ଶେଫାଳିର ମହକ’ରେ କୁନ୍ତଳା କୁମାରୀଙ୍କ ଜୀବନୀ

ଭୁବନେଶ୍ୱର, ୨୭।୫(ସମିସ)

ବିଦ୍ୟା କନକ ସୃଜନାନୁଷ୍ଠାନ ପକ୍ଷରୁ ‘ଷଷ୍ଠ ଜାତୀୟ ନାଟ୍ୟ ମହୋତ୍ସବ-୨୦୨୪’ର ଚତୁର୍ଥ ସନ୍ଧ୍ୟା ରବୀନ୍ଦ୍ରମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଚତୁର୍ଥ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଥିଲା ଓଡ଼ିଆ ନାଟକ ‘ଶେଫାଳିର ମହକ’। ଜଟଣୀ ଉତ୍ତରାୟଣୀ କ୍ଲବ୍ ପକ୍ଷରୁ ମଞ୍ଚସ୍ଥ ଏହି ନାଟକର ରଚନା ସଞ୍ଜୟ ହାତୀ କରିଥିବାବେଳେ ନିର୍ଦ୍ଦେଶନା ଦେଇଥିଲେ ବିପ୍ଳବ କେଶରୀ ଶତପଥୀ। ନାଟକରେ ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତଙ୍କ କାହାଣୀକୁ ଉପସ୍ଥାପନ କରିଥିଲେ କଳାକାରମାନେ। ସେ ଥିଲେ କୁନ୍ତଳା କୁମାରୀ ଥିଲେ ଏକାଧାରରେ ଜଣେ ଚକିତ୍ସିକା, ଲେଖିକା, କବି, ସମ୍ପାଦିକା, ରାଷ୍ଟ୍ରବାଦୀ ଆନ୍ଦୋଳନର ନେତ୍ରୀ। ଓଡ଼ିଆ ଭାଷା, ସାହିତ୍ୟ ଓ କବିତାରେ ତାଙ୍କର ଅତୁଳନୀୟ ଅବଦାନ ଥିଲା। ବିହାର ଓଡ଼ିଶା ମେଡିକାଲ୍ ବୋର୍ଡର ଟପ୍ପର ହୋଇ ଓଡ଼ିଶାର ପ୍ରଥମ ମହିଳା ଡାକ୍ତର ହୋଇଥିଲେ କୁନ୍ତଳା କୁମାରୀ ସାବତ। ତାଙ୍କୁ ଯେତେବେଳେ ନଅ ବର୍ଷ, ପିତା ଜାନିଏଲ୍ ତାଙ୍କ ମାଉସୀଙ୍କ ସହ ଅବୈଧ ସମ୍ପର୍କ ରଖିବାରୁ ମାତା ମୋନିକା ପିଲାମାନଙ୍କୁ ନେଇ ଚାଲିଆସନ୍ତି। ଖୋର୍ଦ୍ଧାରେ ଜେଜେବାପା ଓ ଜେଜେମା’ଙ୍କ ପାଖରେ ଆରମ୍ଭ ହୁଏ ପାଠପଢ଼ା ଜୀବନ। ପରେ ଏଣ୍ଟ୍ରାନ୍ସ ଟପ୍ପର ହୋଇ କଟକ ମେଡିକାଲ ସ୍କୁଲରେ ନାମ ଲେଖାନ୍ତି କୁନ୍ତଳା। ବିବାହ ପରେ ତାଙ୍କର କର୍ମଭୂମି ହୋଇଯାଏ ଦିଲ୍ଲୀ। ଓଡ଼ିଶାରୁ ଆରମ୍ଭ ହୋଇଥିବା ସାହିତ୍ୟ କର୍ମ ଦିଲ୍ଲୀରେ ହୋଇଛି ଆହୁରି ପ୍ରସାରିତ। ଓଡ଼ିଆ ଓ ହିନ୍ଦୀ ଉଭୟ ଭାଷାରେ ଲେଖନୀ ଚାଳନା ତାଙ୍କୁ ଦେଇଛି ସ୍ୱତନ୍ତ୍ର ପ୍ରତିଷ୍ଠା। ଦେଶମାତୃକାର ଡାକରେ, ମହାତ୍ମାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇ ସେ ଯେମିତି ପାଲଟି ଯାଇଛନ୍ତି ସମଗ୍ର ନାରୀ ସମାଜର ପ୍ରତିନିଧି। ଆଜକୁ ଶହେ ବର୍ଷ ପୂର୍ବରୁ କୁନ୍ତଳା କୁମାରୀ ନାରୀ ଶିକ୍ଷା ଓ ନାରୀ ସ୍ୱାଧୀନତା ସପକ୍ଷରେ ନିଜର ତୃପ୍ତ ସ୍ୱର ଉତ୍ତୋଳନ କରିଥିଲେ। କୁନ୍ତଳା ଥିଲେ ଧୌର୍ଯ୍ୟ ଓ ସାହସର ଏକ ଦିବ୍ୟ ପ୍ରତିମା। ମାତ୍ର ୨୭ବର୍ଷର ଜୀବନ କାହାଣୀର ପ୍ରତିଟି ମୁହୂର୍ତ୍ତ ମହକିତ ତାଙ୍କ ଅମରତ୍ୱ ସ୍ୱର୍ଶରେ। ସନ୍ଧ୍ୟାରେ ଅତିଥି ଭାବେ ଏନ୍‌ଏସ୍‌ଡିର ରେଜିଷ୍ଟ୍ରାର ପ୍ରଦୀପ୍ତ କୁମାର ମହାନ୍ତି, ନାଟ୍ୟ ନିର୍ଦ୍ଦେଶକ ପ୍ରଫେସର ସମର ବୁଦୁଲି, ପ୍ରସନ୍ନ ମିଶ୍ର, ନାଟ୍ୟକାର ଅଶୋକ ବହିଦାର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିପ୍ଳବ କେଶରୀ ଶତପଥୀ, ପ୍ରଦୀପ୍ତ କୁମାର ମହାନ୍ତି, ସୋମନାଥ ପରିଡ଼ା, ଦୀନେଶ ଦାସ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା।



## ଯୁକ୍ତଦୁଇରେ କିସ୍‌ର ଶତପ୍ରତିଶତ ସଫଳତା



ଭୁବନେଶ୍ୱର, ୨୭ ।୫(ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ +୨ ପରୀକ୍ଷାରେ କିସ୍‌ର ଛାତ୍ରଛାତ୍ରୀ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ୧୮୮୫ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୮ ପ୍ରତିଶତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କଳାରେ ୪୦ ପ୍ରତିଶତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ବିଜ୍ଞାନରେ ୪୧ ପ୍ରତିଶତ ଓ ବାଣିଜ୍ୟରେ ୩୩ ପ୍ରତିଶତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ପାସ୍ କରିଛନ୍ତି। କଳାରେ ହିମାରାଣୀ ମଲ୍ଲିକ ସର୍ବାଧିକ ୮୮ ପ୍ରତିଶତ ନମ୍ବର ରଖି କଲେଜ୍ ଟପ୍ପର ହୋଇଥିବା ବେଳେ ବିଜ୍ଞାନରେ ୮୦ ପ୍ରତିଶତ ନମ୍ବର ରଖି ଲିବୁ ସୋରେନ୍ ଓ ବାଣିଜ୍ୟରେ ୮୭ ପ୍ରତିଶତ ନମ୍ବର ରଖି ଶଙ୍କର ଭୂମିଜ ଟପ୍ପର ହୋଇଛନ୍ତି। ପରୀକ୍ଷା ଫଳାଫଳ ନେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆନନ୍ଦ ପ୍ରକାଶ କରିବା ସହ ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଡିଜିଟାଲ୍ ପ୍ରମାଣ ଯୋଗାଡ଼ କରିବାରେ ପୁଲିସ ପଛୁଆ

- ଚିରାଚରିତ ଢଙ୍ଗରେ ତଦନ୍ତ କରୁଛି ପୁଲିସ
- ବୈଷୟିକ ଯାଞ୍ଚ ପାଇଁ ଅନ୍ୟରାଜ୍ୟ ଭରସା
- ଫୋରେନ୍‌ସିକ୍ ଲ୍ୟାବ୍‌ରେ ହୋଇପାରୁନି ନାର୍କୋ ପରୀକ୍ଷା
- ରିପୋର୍ଟ ଆସିବା ବେଳକୁ ଶିଥିଳ ହୋଇଯାଉଛି ତଦନ୍ତ

ଭୁବନେଶ୍ୱର, ୨୭ ।୫(ସମିସ)

ବର୍ତ୍ତମାନ ଟେକ୍ନୋଲୋଜି ଯୁଗରେ ପୁଲିସ ପାଇଁ ଡିଜିଟାଲ ପ୍ରମାଣ ମୁଖ୍ୟ ଭୂମିକା ଗ୍ରହଣ କରିଛି। ଦୋଷୀଙ୍କୁ ଧରିବା ଠାରୁ ଆରମ୍ଭ କରି ସଜା ଦେବାରେ ଡିଜିଟାଲ ପ୍ରମାଣର ଗୁରୁତ୍ୱ ରହିଛି। କିନ୍ତୁ କମିସନରେଟ୍ ପୁଲିସକୁ ଡିଜିଟାଲ ପ୍ରମାଣ କିଭଳି ସଂଗ୍ରହ କରାଯିବ ତାହାର ଟ୍ରେନିଂ ଦିଆଯାଉନି। ଯେଉଁଥି ପାଇଁ ତଦନ୍ତ ସମୟରେ ଏହି ଅଧିକାରୀ ପ୍ରମାଣ ଯୋଗାଡ଼ କରିପାରୁନି। ଯାହାଫଳରେ ଏକାଧିକ ଅଭିଯୁକ୍ତ ଗିରଫ ହେଲେ ମଧ ପ୍ରମାଣ ଅଭାବରୁ ଆଇନ୍ ଫାଶରୁ ଖସି ଯାଉଛନ୍ତି। ନିକଟରେ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ପତ୍ନୀ ଏବଂ ଶାଳୀ ହତ୍ୟା ମାମଲା ଏବଂ ଡାକ୍ତର ଦମ୍ପତି ହତ୍ୟା ମାମଲାରେ ଅଭିଯୁକ୍ତଙ୍କୁ ଦଣ୍ଡ ଦେବାରେ ମୁଖ୍ୟ ଭୂମିକା ନେଇଥିଲା ଡିଜିଟାଲ ପ୍ରମାଣ। କିନ୍ତୁ ଡିଜିଟାଲ ପ୍ରମାଣରେ ଏତେ ଗୁରୁତ୍ୱ ଥିବାରୁ ପୁଲିସ ଅଧିକାରୀଙ୍କୁ ଟ୍ରେନିଂ ଦିଆଯାଉନି। ଅନେକ ପୁଲିସ ସ୍ମାର୍ଟ ଫୋନ୍ ଏବଂ କମ୍ପ୍ୟୁଟର ଚଲାଇ ପାରୁନଥିବା ବେଳେ ସେ କିଭଳି ଡିଜିଟାଲ ପ୍ରମାଣ ଯୋଗାଡ଼ କରିବେ, ତାହାକୁ ନେଇ ସନ୍ଦେହ ବଢ଼ିଛି। ଅନ୍ୟପଟରେ ରାଜ୍ୟ ଫୋରେନ୍‌ସିକ୍ ଲ୍ୟାବ୍‌ରେ ମାନବସମ୍ବଳ ଅଭାବ ଏବଂ ଅନ୍ୟା ଟେକ୍ନୋଲୋଜି ନଥିବାରୁ ବାହାର ରାଜ୍ୟ ଉପରେ ନିର୍ଭର ହେବାକୁ ପଡୁଛି। ଭୁବନେଶ୍ୱରରେ ନାର୍କୋ ପରୀକ୍ଷା ପାଇଁ କୌଣସି ବ୍ୟବସ୍ଥା ନଥିବାରୁ ଗୁଜୁରାଟ ଗାନ୍ଧୀନଗର ଏବଂ ଅନ୍ୟ ରାଜ୍ୟ ଉପରେ ଭରସା କରିବାକୁ ପଡୁଛି।




### ମୋବାଇଲ୍ ପାସ୍‌ୱାର୍ଡ ପାଇଁ ରାଜ୍ୟ ବାହାରକୁ ପଠାଯାଉଛି

ଗତ ବର୍ଷ ଜୁଲାଇ ମାସରେ ବିଜେବି କଲେଜରେ ପାଠ ପଢୁଥିବା ରୁଚିକା ମହାନ୍ତି ହଷ୍ଟେଲ ଭିତରେ ଆତ୍ମହତ୍ୟା କରିଥିଲେ। ଆତ୍ମହତ୍ୟା ପରେ ପୁଲିସ ମୃତଦେହ ନିକଟରୁ ଏକ ଚିଠି ଏବଂ ମୋବାଇଲ୍ ଫୋନ୍ ଜବତ କରିଥିଲା। ପୁଲିସ ଚିଠିକୁ ହ୍ୟାଣ୍ଡରାଇଟିଂ ବ୍ୟୁରୋକୁ ପଠାଇଥିବା ବେଳେ ଫୋନ୍‌ର ପାସ୍‌ୱାର୍ଡ ଖୋଲିବା ପାଇଁ ଏସ୍‌ଏଫ୍‌ଏସ୍‌ଏଲ୍‌କୁ ପଠାଇଥିଲା। ହେଲେ ସେଠାରେ ମୋବାଇଲର ପାସ୍‌ୱାର୍ଡ ଖୋଲିନପାରିବାରୁ ପୁଣି ସିଙ୍ଗାପୁର ପଠାଇଥିଲା। କେବଳ ଏହି ଗୋଟିଏ ଘଟଣା ନୁହେଁ, ଏକାଧିକ ହତ୍ୟା ଏବଂ ଆତ୍ମହତ୍ୟା ମାମଲାରେ ରାଜ୍ୟ ବାହାରକୁ ପଠାଯାଉଛି।

### ତଦନ୍ତକୁ କରୁଛି ଦିଗହରା ବିଳମ୍ବିତ ଡିଜିଟାଲ୍ ଡାଟା

ପୁଲିସ ବ୍ଲାକ୍‌ମେଲିଂ ମାମଲାରେ ଅର୍ଚ୍ଚନା ନାଗ ଏବଂ ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦକୁ ଗିରଫ କଲା। ଗିରଫ ସମୟରେ ତାଙ୍କ ନିକଟରୁ ମୋବାଇଲ୍ ଫୋନ୍, ଲାପ୍‌ଟପ୍ ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ କଲା। ଏଥିରେ ଥିବା ପ୍ରମାଣ ପାଇବା ପାଇଁ ପୁଲିସ ଏହାକୁ ଏସ୍‌ଏଫ୍‌ଏସ୍‌ଏଲ୍‌କୁ ପଠାଇଥିଲା। ହେଲେ ସେଠାରୁ ରିପୋର୍ଟ ମିଳିଲା ୩ମାସ ପରେ। ପୁଲିସ ଯେଉଁ ସମୟରେ ତଦନ୍ତ କରି ସତ୍ୟାସତ୍ୟ ବାହାର କରିବାକୁ ଚେଷ୍ଟା କରିଥିଲା ସେହି ସମୟରେ ପୁଲିସକୁ ମିଳିନଥିଲା ଡିଜିଟାଲ ତଥ୍ୟ। ଯେଉଁଥି ପାଇଁ ପୁଲିସର ତଦନ୍ତ ଶିଥିଳ ପଡ଼ିଥିଲା।

### କର୍ମଚାରୀଙ୍କୁ ଦିଆଯାଉନି ଟ୍ରେନିଂ

ରାଜ୍ୟ ଏସ୍‌ଏଫ୍‌ଏସ୍‌ଏଲ୍‌ରେ ଯେତିକି କର୍ମଚାରୀ ଅଛନ୍ତି ସେମାନଙ୍କୁ ନିୟମିତ ଭାବେ ଟ୍ରେନିଂ ଦିଆଯାଉନାହିଁ। ସେମାନେ ସେହି ପୁରୁଣା ଢାଞ୍ଚାରେ ତଦନ୍ତ କରୁଛନ୍ତି। ଯାହାଫଳରେ ଅତ୍ୟାଧୁନିକ ଡିଜିଟାଲ ସାମଗ୍ରୀରୁ ତଥ୍ୟ ମିଳିପାରୁନି। ତେଣୁ ଏସ୍‌ଏଫ୍‌ଏସ୍‌ଏଲ୍‌ରେ ଆବଶ୍ୟକ କର୍ମଚାରୀ ଏବଂ ନିୟମିତ ଟ୍ରେନିଂ ଦିଆଗଲେ ସଫଳତା ମିଳିବ ବୋଲି କୁହାଯାଉଛି। ଆହୁରି ମଧ କମିସନରେଟ୍ ପୁଲିସରେ କାମ କରୁଥିବା ତଦନ୍ତ ଅଧିକାରୀଙ୍କୁ ମଧ ପ୍ରଶିକ୍ଷଣ ଦିଆଯାଉନି। ରାଜ୍ୟ ବାହାରର ଏକ୍ସପର୍ଟଙ୍କୁ ଡାକି ପ୍ରଶିକ୍ଷଣ ଦେବା ଆବଶ୍ୟକ ବୋଲି ଆଇନଜୀବୀ ମତ ଦେଉଛନ୍ତି।

### ଭିସେରା ରିପୋର୍ଟ, ଡାଏଟମ୍ ରିପୋର୍ଟରେ ବିଳମ୍ବ

ରାଜଧାନୀ ସମେତ ରାଜ୍ୟର ଅନେକ ସନ୍ଦେହଜନକ ମୃତ୍ୟୁ ମାମଲାରେ ଭିସେରା ପରୀକ୍ଷା ପାଇଁ ରାଜ୍ୟ ଫୋରେନ୍‌ସିକ୍ ଲ୍ୟାବ୍‌କୁ ମୃତ ବ୍ୟକ୍ତିଙ୍କ କଳିଜା ଏବଂ ଅନ୍ୟାନ୍ୟ ଅଂଶ ପଠାଯାଏ। ପ୍ରତିଦିନ ରାଜ୍ୟ ଏସ୍‌ଏଫ୍‌ଏସ୍‌ଏଲ୍‌କୁ ୨୦ରୁ ଊର୍ଦ୍ଧ୍ୱ ମୃତ ବ୍ୟକ୍ତିଙ୍କ ଭିସେରା ପଠାଯାଉଛି। କିନ୍ତୁ ମାନବ ସମ୍ବଳ ଅଭାବରୁ ୨ରୁ ୩ମାସ ପରେ ଆସୁଛି ଭିସେରା ରିପୋର୍ଟ। ଏହି ପରୀକ୍ଷା ପରେ ମୃତ ବ୍ୟକ୍ତିଙ୍କୁ ନିଶା, ବିଷ ଦେଇ ହତ୍ୟା କରାଯାଇଥିଲେ ସ୍ପଷ୍ଟ ହୁଏ। ଯଦି ହତ୍ୟା କରାଯାଇଥାଏ ପୁଲିସ ସ୍ପଷ୍ଟ ହେବା ପୂର୍ବରୁ ଅଭିଯୁକ୍ତ ଫେରାର ହୋଇଯାଇଥାଏ। ସେହିପରି ପାଣିରେ ବୁଡ଼ାଇ ମାରିଲେ ଡାଏଟମ୍ ପରୀକ୍ଷାରୁ ଜଣାପଡ଼େ। କିନ୍ତୁ ଏଠାରେ ଡାଏଟମ୍ ପରୀକ୍ଷା ସୁବିଧା ନଥିବାରୁ ରାଜ୍ୟ ବାହାରକୁ ପଠାଯାଉଛି।

# ଭୁବନେଶ୍ୱର ସିଟି



## +୨ରେ ହାଇଟେକ୍ ବିଜ୍ଞାନ ଓ ବାଣିଜ୍ୟ ମହାବିଦ୍ୟାଳୟର ଶତପ୍ରତିଶତ ସଫଳତା



ଭୁବନେଶ୍ୱର, ୨୭ ।୫(ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ +୨ ପରୀକ୍ଷାରେ ଭୁବନେଶ୍ୱର ସ୍ଥିତ ହାଇଟେକ୍ ବିଜ୍ଞାନ ଓ ବାଣିଜ୍ୟ ମହାବିଦ୍ୟାଳୟ ଶତପ୍ରତିଶତ ସଫଳତା ହାସଲ କରିଛି । ଦୀର୍ଘ ୧୫ ବର୍ଷ ଧରି ଏହି ମହାବିଦ୍ୟାଳୟ ଶତପ୍ରତିଶତ ସଫଳତା ହାସଲ କରୁଛି । ମହାବିଦ୍ୟାଳୟର ୮୫% ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୧୫% ଛାତ୍ରଛାତ୍ରୀ ଦ୍ୱିତୀୟ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି । ଏହି ସଫଳତା ପାଇଁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ସାହୁ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । କଠିନ ପରିଶ୍ରମ ବଳରେ ହାଇଟେକ୍‌ର ସ୍ୱର୍ଣ୍ଣିମ ଅଧ୍ୟାୟକୁ ଜାରି ରଖିଥିବାରୁ ହାଇଟେକ୍ ଗ୍ରୁପ୍‌ର ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ଡ. ତିରୁପତି ପାଣିଗ୍ରାହୀ ଓ ନିର୍ଦ୍ଦେଶିକା ଅଙ୍କିତା ପାଣିଗ୍ରାହୀ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ଏସ୍‌ବିଆଇ ଲାଇଫ୍ ପକ୍ଷରୁ ସ୍ତନ କର୍କଟ ସଚେତନତା



ଭୁବନେଶ୍ୱର, ୨୭।୫(ସମିସ): 'ଏସ୍‌ବିଆଇ ଲାଇଫ୍ ଇନସ୍ୟୁରାନ୍ସ' ପକ୍ଷରୁ ଭୁବନେଶ୍ୱରରେ 'ଥାଙ୍କସ ଏ ଡଟ୍' ଅଭିଯାନ ଅଧୀନରେ ବିଏମ୍‌ସିର ମହିଳା ସଫେଇ କର୍ମଚାରୀଙ୍କୁ ନେଇ ଏକ ସ୍ତନ କର୍କଟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । 'ରୋଟାରାକ୍ଟ କ୍ଲବ ଅଫ୍ ଭୁବନେଶ୍ୱର' ସହ ମିଳିତ ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହିଳାମାନଙ୍କୁ ସ୍ତନ ପରୀକ୍ଷା ବିଷୟରେ ଅବଗତ କରାଯାଇଥିଲା । କାର୍ଯ୍ୟକ୍ରମରେ ୯୦ରୁ ଅଧିକ ସଫେଇ କର୍ମଚାରୀ ଯୋଗ ଦେଇ ନିୟମିତ ଆତ୍ମ ସ୍ତନ ପରୀକ୍ଷା କରିବାର ଦକ୍ଷତା ଏବଂ ଆତ୍ମବିଶ୍ୱାସ ହାସଲ କରିଛନ୍ତି । କାର୍ଯ୍ୟକ୍ରମରେ ଏସ୍‌ବିଆଇ ଲାଇଫ୍ ଇନସ୍ୟୁରାନ୍ସର ଭୁବନେଶ୍ୱର ଆଞ୍ଚଳିକ ନିର୍ଦ୍ଦେଶକ ରାଜେଶ ଭୂଗ୍ରା, ଉପାଧ୍ୟକ୍ଷ ନନ୍ଦିତା ଶାହା, ଉତ୍କଳ ହସ୍ପିଟାଲର ରେଡିଓଲୋଜି ଅଙ୍କୋଲୋଜି ନିର୍ଦ୍ଦେଶକ ଡାକ୍ତର ସଞ୍ଜୟ କୁମାର ମିଶ୍ରଙ୍କ ସହ ରୋଟାରୀ କ୍ଲବର ସଦସ୍ୟମାନେ ଉପସ୍ଥିତ ଥିଲେ । ଏହି ଅବସରରେ ସଫେଇ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଅଭିନବ 'ଥାଙ୍କସ ଏ ଡଟ୍' ପକ୍ଷରୁ ଗରମ ପାଣି (ହଟ ୱାଟର) ବ୍ୟାଗ୍ ବଣ୍ଟନ କରାଯାଇଥିଲା । (ଦେବାଶିଷ)

## ଆଇସିଏମ୍‌ଏଆଇର ବାର୍ଷିକ ସାଧାରଣ ବୈଠକ




ଭୁବନେଶ୍ୱର, ୨୭।୫(ସମିସ): ଇନ୍‌ଷ୍ଟିଚ୍ୟୁଟ ଅଫ୍ କଷ୍ଟ ଆକାଉଣ୍ଟାଣ୍ଟ୍ସ ଅଫ୍ ଇଣ୍ଡିଆ (ଆଇସିଏମ୍‌ଏଆଇ) ଭୁବନେଶ୍ୱର ଚାପ୍ଟରର ୫୫ତମ ବାର୍ଷିକ ସାଧାରଣ ବୈଠକ ସ୍ଥାନୀୟ ନୂଆପଲ୍ଲୀସ୍ଥିତ ସିଏମ୍‌ଏ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ୨୦୨୪-୨୫ ବର୍ଷର ପ୍ରଥମ ବୈଠକରେ ମ୍ୟାନେଜିଂ କମିଟିର ସଦସ୍ୟମାନେ ବିଭିନ୍ନ ପଦାଧିକାରୀମାନଙ୍କୁ ଚୟନ କରିଥିଲେ । ଏଥିରେ ସିଏମ୍‌ଏ ରମେଶ ଚନ୍ଦ୍ର ପାତ୍ର ଅଧ୍ୟକ୍ଷ, ସିଏମ୍‌ଏ ଶରତ କୁମାର ବେହେରା ଉପାଧ୍ୟକ୍ଷ, ସିଏମ୍‌ଏ ବରଦା ପ୍ରସନ୍ନ ନାୟକ ସମ୍ପାଦକ ଏବଂ ସିଏମ୍‌ଏ ଅବିନାଶ କୋଟ୍‌ନୀ କୋଷାଧ୍ୟକ୍ଷ ରୂପେ ନିର୍ବାଚିତ ହୋଇଥିଲେ । ଏହି ବୈଠକରେ ସିଏମ୍‌ଏ ସୌମ୍ୟ ରଞ୍ଜନ ଜେନା ପ୍ରଫେସନାଲ ଡେଭେଲପମେଣ୍ଟ କମିଟି ଏବଂ ବିଲ୍ଡିଂ ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକଚର ଡେଭେଲପମେଣ୍ଟ କମିଟିର ଚେୟାରମ୍ୟାନ୍ ରୂପେ ଦାୟିତ୍ୱ ଗ୍ରହଣ କରିଥିଲେ । ସିଏମ୍‌ଏ ସୂର୍ଯ୍ୟନାରାୟଣ ତ୍ରିପାଠୀ ନୂତନ ଭାବେ ନିର୍ବାଚିତ ସିଏମ୍‌ଏ ରମେଶ ଚନ୍ଦ୍ର ପାତ୍ରଙ୍କୁ ସମସ୍ତ ଦାୟିତ୍ୱ ହସ୍ତାନ୍ତର କରିଥିଲେ । ସିଏମ୍‌ଏ ଉତ୍ତମ କୁମାର ନାୟକ, ଚେୟାରମ୍ୟାନ୍, ଆଇସିଏମ୍‌ଏଆଇ, ଇଆଇଆର୍‌ସି, ସିଏମ୍‌ଏ ଦାମୋଦର ମିଶ୍ର, କୋଷାଧ୍ୟକ୍ଷ, ଆଇସିଏମ୍‌ଏଆଇ-ଇଆଇଆର୍‌ସି ଏବଂ ମ୍ୟାନେଜିଂ କମିଟି ସଦସ୍ୟ ଉପସ୍ଥିତ ଥିଲେ ।

# କେବେ ଓଭରହେଡ୍ କେବୁଲ୍‌ମୁକ୍ତ ହେବ ରାଜଧାନୀ



ଭୁବନେଶ୍ୱର, ୨୭ ।୫(ସମିସ)

ଓଭରହେଡ୍ କେବୁଲମୁକ୍ତ ହେବ ରାଜଧାନୀର ସମସ୍ତ ରାସ୍ତା! କେବଳ ବିଦ୍ୟୁତ୍ ତାରକୁ ଛାଡ଼ି ମୁଣ୍ଡ ଉପରେ ଆଉ କୌଣସି ତାର ଦେଖିବାକୁ ମିଳିବନି । ଫାଇବର୍ ଜରିଆରେ ଇଣ୍ଟରନେଟ୍ ବ୍ରଡ୍‌ବ୍ୟାଣ୍ଡ, ଟିଭି ଓ ଲ୍ୟାଣ୍ଡଲାଇନ୍ ଭଳି ସେବା ଯୋଗାଉଥିବା ସଂସ୍ଥାକୁ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ପକ୍ଷରୁ ଭୂତଳ ଅପ୍ଟିକାଲ୍ ଫାଇବର୍ ଜରିଆରେ ସେବା ଯୋଗାଇ ଦିଆଯିବ । ତେଣୁ ବିଭିନ୍ନ ଅପରେଟରମାନେ ଓଭରହେଡ୍ କେବୁଲ୍ ହଟାଇବେ । ଏହି ନିୟମ ଭାଙ୍ଗିଥିବା ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବିଏସ୍‌ଏସିଏଲ୍ । ଦୁଇ ବର୍ଷ ତଳୁ ଏଭଳି କିଛି ଚରମ ଆଭିମୁଖ୍ୟ ଗ୍ରହଣ କରିଥିଲା ବିଏସ୍‌ସିଏଲ୍ । ମାତ୍ର ଏତେ ଦିନ ବିତି ଯାଇଥିଲେ ହେଁ ରାସ୍ତାରୁ ଓଭରହେଡ୍ କେବୁଲ୍ ହଟିବା ସଫଳ ହେଲାନି । ବିଦ୍ୟୁତ୍ ଖୁଣ୍ଟରେ ମାଳ ମାଳ ତାର ଝୁଲୁଥିଲେ ବି ବିଏସ୍‌ସିଏଲ୍ ସବୁ ଜାଣି ଚୁପ୍ ବସିଛି ।

ବିଏସ୍‌ସିଏଲ୍‌ର ଯୋଜନା ଅନୁସାରେ ସଂସ୍ଥାଗୁଡ଼ିକ କେବଳ ଭୂତଳ କେବୁଲ୍‌କୁ ବ୍ୟବହାର କରିବା ପାଇଁ ନିୟମ ରହିଥିଲା । ପୂର୍ବରୁ ନିଜେ ବିଛାଇଥିବା କିମ୍ବା ବିଏସ୍‌ସିଏଲ୍ ପକ୍ଷରୁ ରାଜଧାନୀର ମାଟି ତଳେ ବିଛାଯାଇଥିବା କେବୁଲ୍‌କୁ ବ୍ୟବହାର କରିବେ ବୋଲି ଧାର୍ଯ୍ୟ କରାଯାଇଥିଲା । ଯେଉଁ ନୂଆ ସଂସ୍ଥାର ଆବଶ୍ୟକ ପଡ଼ିବ ସେମାନେ ବିଏସ୍‌ସିଏଲ୍‌ଠାରୁ ଲିଜ୍ ସୂତ୍ରରେ ନେବେ । ଏହି ଯୋଜନାକୁ ସଫଳ କରିବା ତଥା ରାଜଧାନୀବାସୀଙ୍କୁ ନିରବଚ୍ଛିନ୍ନ ସେବା ଯୋଗାଇଦେବା ପାଇଁ ବିଏସ୍‌ସିଏଲ୍

> **ମନଇଚ୍ଛା ତାର ଟାଣୁଛନ୍ତି ଘରୋଇ ସଂସ୍ଥା**
>
> **ଆଖିବୁଜି ଦେଇଛନ୍ତି ସ୍ମାର୍ଟସିଟି କର୍ତ୍ତୃପକ୍ଷ**
>
> **ଶୀତଳ ଭଣ୍ଡାରରେ ବିଏସ୍‌ସିଏଲ୍ ଯୋଜନା**

୧୫୧ କୋଟି ଟଙ୍କା ଖର୍ଚ୍ଚ କରି ରାଜଧାନୀରେ ୪୪୦ କିମିର ଭୂତଳ କେବୁଲ୍ ବିଛାଇଥିଲା । ସେଥିରେ ୧୪୦କୋର୍ ଫାଇବର୍ ବା ୭୨ ପେୟାର କେବୁଲ୍ ରହିଛି । ସିସିଟିଭି, ଟ୍ରାଫିକ୍ ନିୟନ୍ତ୍ରଣ, ଇଣ୍ଟରନେଟ୍ ଭଳି ବିଭିନ୍ନ ସେବା ପାଇଁ ବିଏସ୍‌ସିଏଲ୍ ୧୨ ପେୟାର କେବୁଲ୍ ନିଜ ବ୍ୟବହାର ପାଇଁ ରଖିଛି । ବାକି ୬୦ପେୟାର କେବୁଲ୍‌କୁ ଟେଲିଗ୍ରାଫ୍ ଆକ୍ଟ-୧୮୮୫ରେ ଆସୁଥିବା ସମସ୍ତ ଘରୋଇ ସଂସ୍ଥାକୁ ଲିଜ୍ ସୂତ୍ରରେ ଦେବା ପାଇଁ ଯୋଜନା କରିଥିଲା । ସଂସ୍ଥାଗୁଡ଼ିକ ପ୍ରତି ଏକ ପେୟାରର ଏକ କିମି କେବୁଲ୍ ପାଇଁ ବାର୍ଷିକ ୧୨ ହଜାର ଟଙ୍କା ଦେବେ ବୋଲି ଦର ଧାର୍ଯ୍ୟ ହୋଇଥିଲା ।

ଏତେ ସବୁ ଯୋଜନା ପରେ ବି କୌଣସି ଘରୋଇ ଟେଲିକମ୍ କମ୍ପାନୀ ଏସବୁ ମାନୁନାହାନ୍ତି । ଯାହାର ଯେତେବେଳେ ଦରକାର ସିଏ ବିଦ୍ୟୁତ୍ ଖୁଣ୍ଟରେ ତାର ଟାଣୁଛି । ନଚେତ୍ ନିଜସ୍ୱ ଖୁଣ୍ଟିରେ ମଧ୍ୟ ଏକାଧିକ ସଂସ୍ଥା ଫାଇବର ତାର ବିଛାଉଛନ୍ତି । ହେଲେ ବିଏସ୍‌ଏସିଏଲ୍ ନା ସେମାନଙ୍କୁ ସେବା ଦେଇ ରାଜସ୍ୱ ଆଦାୟ କରୁଛି, ନା ଯେଉଁ ଲକ୍ଷ୍ୟ ନେଇ ଏହି ଭୂତଳ ଫାଇବର ବିଛାଯାଇଥିଲା, ତା' ସଫଳ ହୋଇପାରୁଛି ।

ବର୍ତ୍ତମାନ ଟାଟା, ବିଏସ୍‌ଏନ୍‌ଏଲ୍, ସ୍ମାର୍ଟଲିଙ୍କ୍, ୱିଫି, ଏୟାରଟେଲ୍, ଜେଟ୍‌ସ୍ପଟ୍, ଲାଇଟ୍‌ୱେଭ୍, ନେଟ୍‌ସେଟ୍ ଭଳି ସଂସ୍ଥା ସହରରେ ଲୋକମାନଙ୍କୁ ଇଣ୍ଟରନେଟ୍, ଟେଲିଫୋନ୍, କେବୁଲ ଟିଭି ଭଳି ସେବା ଯୋଗାଉଛନ୍ତି । ଏହି ସଂସ୍ଥା ଭିତରୁ କିଛି ସଂସ୍ଥା ବିଏସ୍‌ସିଏଲ୍‌ଠାରୁ କିଛି ଅଞ୍ଚଳରେ ଭୂତଳ ଅପ୍ଟିକାଲ୍ ଫାଇବର ସଂଯୋଗ ନେଇଥିବାବେଳେ ଏକାଧିକ ସଂସ୍ଥା ନେଉନାହାନ୍ତି । ଅନ୍ୟପକ୍ଷରେ ଉପକଣ୍ଠରେ ନୂଆ କରି ଗଢ଼ି ଉଠୁଥିବା କଲୋନୀ ଗୁଡ଼ିକରେ ଏହି ସଂସ୍ଥାମାନେ ପ୍ରତିଯୋଗିତା ମୂଳକ ଭାବେ ସେବା ଯୋଗାଇ ମୁନାଫା କମାଉଛନ୍ତି । କେହି ବିଏସ୍‌ସିଏଲ୍ ସହ ଯୋଗାଯୋଗ କରି କେବୁଲ୍ ବିଛାଇବା ପାଇଁ ପ୍ରସ୍ତାବ ଦେବା ପରିବର୍ତ୍ତେ ନିଜେ ନିଜର ଖୁଣ୍ଟ ପୋତି ଅଥବା ବିଦ୍ୟୁତ୍ ତାରରେ ନିଜ ଫାଇବର ତାର ବିଛାଇ ଲୋକଙ୍କୁ ବିଭିନ୍ନ ପ୍ରକାର ସେବା ଯୋଗଇ ଦେଉଛନ୍ତି । ସବୁ ଜାଣି ସ୍ମାର୍ଟ ସିଟି ଆଖି ବୁଝି ଦେଇଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଏ ସମ୍ପର୍କରେ ସ୍ମାର୍ଟ ସିଟି ସିଇଓ ପୁରନ୍ଦର ନନ୍ଦଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ହେଁ ସମ୍ଭବ ହୋଇନଥିଲା ।

## ଶ୍ରୀ ଡ୍ୟାନ୍ସ ଏକାଡେମୀର ବାର୍ଷିକୋତ୍ସବ 'ନୃତ୍ୟ ବିଳାସ'



ଭୁବନେଶ୍ୱର, ୨୭।୫(ସମିସ): ଶ୍ରୀ ଡ୍ୟାନ୍ସ ଏକାଡେମୀର ବାର୍ଷିକ ଉତ୍ସବ 'ନୃତ୍ୟ ବିଳାସ' ଭଞ୍ଜକଳା ମଣ୍ଡପରେ ଆୟୋଜିତ ହୋଇଯାଇଛି । ଏହି ଉତ୍ସବ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଓଡ଼ିଶାର ଶାସ୍ତ୍ରୀୟ ନୃତ୍ୟ ଓଡ଼ିଶୀ ତଥା ଅନ୍ୟାନ୍ୟ ପାରମ୍ପରିକ ଲୋକନୃତ୍ୟକୁ ଲୋକଲୋଚନକୁ ଆଣିବା ଏବଂ ତାହାର ପ୍ରଚାର ଓ ପ୍ରସାର କରିବା । ସନ୍ଧ୍ୟାରେ ପ୍ରଥମେ ଶ୍ରୀ ଡ୍ୟାନ୍ସ ଏକାଡେମୀର ଶିଳ୍ପୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ଏବଂ ପରେ ପରେ ଅଭିନୟ ଜୟ ଭଗବତୀ ପରିବେଷିତ ହୋଇଥିଲା । ଶେଷରେ ଶ୍ରୀ ଡ୍ୟାନ୍ସ ଏକାଡେମୀ ଶିଳ୍ପୀମାନଙ୍କ ଦ୍ୱାରା ସମ୍ବଲପୁରୀ ଲୋକନୃତ୍ୟ ପରିବେଷିତ ହୋଇଥିଲା । ସନ୍ଧ୍ୟାରେ ଅତିଥି ଭାବରେ କିଟ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ସଂସ୍କୃତି ନିର୍ଦ୍ଦେଶକ ତଥା କବି ରକ୍ଷକ ନାୟକ, ଓଡ଼ିଶୀ ନୃତ୍ୟବିଦ ତଥା ନୃତ୍ୟ ବିଦୁଷୀ ଡକ୍ଟର ନିତା ବହିଦାର, ନୃତ୍ୟଗୁରୁ ନିରଞ୍ଜନ ରାଉତ, ଶ୍ରୀ ଡ୍ୟାନ୍ସ ଏକାଡେମୀର ସଭାପତି ପ୍ରଫୁଲ୍ଲ କୁମାର ପଟ୍ଟନାୟକ ଓ ଏକାଡେମୀର ସମ୍ପାଦିକା ନମିତା ରାୟ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଏକାଡେମୀର କୋଷାଧ୍ୟକ୍ଷ ରାଜେନ୍ଦ୍ର ନାରାୟଣ ରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶବ୍ଦ ଗବେଷକ ଶରତ ଚନ୍ଦ୍ର ପଟ୍ଟନାୟକଙ୍କ ସ୍ମୃତିଚାରଣ




ଭୁବନେଶ୍ୱର, ୨୭।୫(ସମିସ): ଶବ୍ଦ ଗବେଷଣା କେନ୍ଦ୍ରର ପ୍ରତିଷ୍ଠାତା ଡ. ଶରତ ଚନ୍ଦ୍ର ପଟ୍ଟନାୟକଙ୍କ ପ୍ରଥମ ପୁଣ୍ୟତିଥି ପାଳନ ଅବସରରେ ପୂଜ୍ୟପୂଜା, ଓଡ଼ିଶା ପକ୍ଷରୁ ବିରଜା ପ୍ରସାଦ ଶତପଥୀଙ୍କ ସଭାପତିତ୍ୱରେ ଏକ ସ୍ମୃତିଚାରଣ ସଭା ଓଡ଼ିଶା ଲେଖକ ସମବାୟ ସମିତି ପରିସରରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ଡ. ରାଜେନ୍ଦ୍ର କୁମାର ଶତପଥୀ, ବକ୍ତା ଓ ଆଲୋଚକଭାବେ ଜିତେନ୍ଦ୍ର କୁମାର କର, ତାରେଶ୍ୱର ତ୍ରିପାଠୀ, ତ୍ରିପୁରାରୀ ନାଥ, ଡକ୍ଟର ଆରତି ପ୍ରମୁଖ ଏଥିରେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ସମ୍ପାଦକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ କୈଳାସ ଚନ୍ଦ୍ର ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

**ଭିଉଜ୍ ପକ୍ଷରୁ ବିଶ୍ୱ ଋତୁସ୍ରାବ ପରିଚ୍ଛନ୍ନତା ଦିବସ**

## ଋତୁସ୍ରାବ ହେଉଛି ମାନସିକତା ପରିବର୍ତ୍ତନର ପ୍ରମାଣ




ଭୁବନେଶ୍ୱର, ୨୭ ।୫(ସମିସ): ଋତୁସ୍ରାବ ହେଉଛି ମାନସିକତା ପରିବର୍ତ୍ତନର ପ୍ରମାଣ । ଦିନ ଥିଲା ଋତୁସ୍ରାବ ସମୟରେ ମହିଳାମାନେ ଲାଜରେ ଘରର ଚାରିକାନ୍ଥ ମଧ୍ୟରେ ରହୁଥିଲେ । ଏହି ସମ୍ପର୍କରେ ଅନ୍ୟମାନଙ୍କ ସହ ଆଲୋଚନା କରିବାକୁ କୁଣ୍ଠାବୋଧ କରୁଥିଲେ । କିନ୍ତୁ ବର୍ତ୍ତମାନ ସମୟରେ ପରିବର୍ତ୍ତନ ହୋଇଛି । ଋତୁସ୍ରାବ ସମ୍ବନ୍ଧୀୟ ବିଭିନ୍ନ ସଚେତନତା ବର୍ତ୍ତା ପ୍ରଦାନ କରିବା ସହ ସାନିଟାରୀ ନାପକିନ୍ ମଧ୍ୟ ପ୍ରଦାନ କରିବାକୁ ବିଭିନ୍ନ ସଂଗଠନମାନେ ଅଣ୍ଟା ଭିଡ଼ିଛନ୍ତି । ବିଶେଷ କରି କିଶୋରୀମାନଙ୍କୁ ଏ ସଂକ୍ରାନ୍ତରେ ଅଧିକରୁ ଅଧିକ ସଚେତନ କରାଇବା ସହ ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦେବା ନିହାତି ଆବଶ୍ୟକ ବୋଲି ସାମାଜିକ ଅନୁଷ୍ଠାନ ଭିଉଜ୍, ଗ୍ଲୋବାଲ ଗ୍ଲୋ ଆଣ୍ଡ ଦକ୍ଷିଣ ଫାଉଣ୍ଡେସନର ମିଳିତ ସହଯୋଗରେ ଆୟୋଜିତ ବିଶ୍ୱ ଋତୁସ୍ରାବ ପରିଚ୍ଛନ୍ନତା ଦିବସରେ ବହୁବିଶିଷ୍ଟ ବ୍ୟକ୍ତି ମତ ଦେଇଛନ୍ତି । କାର୍ଯ୍ୟକ୍ରମରେ ସହରର ବିଭିନ୍ନ ପ୍ରାନ୍ତରୁ ଆସିଥିବା କିଶୋରୀମାନେ ଯୋଗଦେଇ ଚଳଚ୍ଚିତ୍ର, ପ୍ରଦର୍ଶନୀ, କଳା, ହସ୍ତଶିଳ୍ପ ନୃତ୍ୟ, ଗୀତ ଏବଂ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ । ଦିନସାରା, ଅଂଶଗ୍ରହଣକାରୀମାନେ ବିଶେଷଜ୍ଞଙ୍କ ସହିତ ଋତୁସ୍ରାବ ପ୍ରସଙ୍ଗରେ ପାରସ୍ପରିକ ଆଲୋଚନା ସହ ଋତୁସ୍ରାବ ସମୟରେ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ଉପରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ୟୁଏନ୍‌ଡିପି ଓଡ଼ିଶାର ରାଜ୍ୟ ପ୍ରତିନିଧି ଆଭା ମିଶ୍ର, ଏନ୍‌ଏଡବ୍ଲ୍ୟୁଓର ବିକାଶ ଭଞ୍ଜ, ୟୁନିସେଫ୍ ପକ୍ଷରୁ ସିପ୍ରା ସକ୍‌ସେନା, ସାମ୍ବାଦିକା ମିନତି ସିଂହଙ୍କ ସମେତ ଆଇନା, ଦକ୍ଷିଣ ଫାଉଣ୍ଡେସନ୍ ଆଦି ବିଭିନ୍ନ ସଂଗଠନର ବ୍ୟକ୍ତିବିଶେଷ ଯୋଗଦେଇ ଋତୁସ୍ରାବ ପରିଚ୍ଛନତା ଉପରେ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ଶ୍ରେଷ୍ଠ କଳାକୃତି, ଶ୍ରେଷ୍ଠ କ୍ଷୁଦ୍ର ଚଳଚ୍ଚିତ୍ର ଏବଂ ଶ୍ରେଷ୍ଠ ଏନ୍‌ଜିଓ ସଂଗଠନକୁ 'ଉତ୍କର୍ଷ ପୁରସ୍କାର-୨୦୨୪' ପ୍ରଦାନ କରାଯାଇଥିଲା ।

# ଝାରପଡ଼ା ଜେଲ୍ ମହିଳା ଅନ୍ତେବାସୀ ଏବେ ସ୍ୱାବଲମ୍ବୀ

ଭୁବନେଶ୍ୱର, ୨୭ ।୫(ସମିସ)

ନାଁ ଅଳକା ସାହୁ । ଏକ ମାମଲାରେ ଗିରଫ ହୋଇ ଝାରପଡ଼ା ଜେଲ୍‌ରେ ବିଚାରାଧୀନ କଏଦୀ ଭାବେ ରହୁଛନ୍ତି । ଜେଲ୍‌ରେ ରହିଥିବା ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍‌ରେ କାର୍ଯ୍ୟ କରୁଛନ୍ତି । ଖାଦ୍ୟ ପ୍ରସ୍ତୁତ କରି ନିଜେ ରୋଜଗାରକ୍ଷମ ହେବା ସହ ଦୁଇ ପିଲାଙ୍କୁ ପାଠ ପଢ଼ାଉଛନ୍ତି । ଦୁଇ ପିଲା ଏବେ ସ୍କୁଲରେ ପଢୁଥିବାରୁ ସମସ୍ତ ପଢ଼ା ଖର୍ଚ୍ଚ ନିଜେ ଅଳକା ବୁଝୁଛନ୍ତି । ଅଳକା ଜେଲ ଯିବା ପରେ ତାଙ୍କ ସ୍ୱାମୀ ଛାଡ଼ି ଅନତ୍ର ପଳାଇଛନ୍ତି । ବାପା ପଳାଇବା ପରେ ମା' ଜେଲରେ ଥିବାରୁ ପିଲାଙ୍କ ଭବିଷ୍ୟତ ଅନ୍ଧାରକୁ ଚାଲିଯାଇଥିଲା । ଦୁଇ ପିଲା ସର୍ବହରା ହେବା ସହ ପାଠପଢ଼ାରେ ଡୋରି ଲାଗିଥିଲା । କିନ୍ତୁ ଝାରପଡ଼ା ଜେଲରେ ଥିବା ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍‌ରେ ଅଳକା କାର୍ଯ୍ୟ ଆରମ୍ଭ କରିଥିଲେ । ରୋଜଗାର ବାବଦରେ ଦୈନିକ ୯୫ ଟଙ୍କା ମିଳିଥିଲା । ସେଇ ଟଙ୍କାକୁ ଜେଲ ପକ୍ଷରୁ ତାଙ୍କ ଆକାଉଣ୍ଟରେ ଜମା କରାଯାଉଛି । ଅଳକାଙ୍କ ଟଙ୍କାକୁ ଗାଁରେ ରହି ପାଠ ପଢୁଥିବା ଦୁଇ ପିଲାଙ୍କ ନିକଟକୁ ପଠାଉଛନ୍ତି । ଦୁଇପିଲା ପାଠପଢ଼ା ସହ ଅନ୍ୟାନ୍ୟ ଖର୍ଚ୍ଚ କରୁଛନ୍ତି ।

ଝାରପଡ଼ା ଜେଲରେ ଥିବା ମହିଳା କଏଦୀଙ୍କୁ କାମ ଯୋଗାଇ ଦିଆଯାଉଛି । ସେମାନେ ରୋଜଗାରକ୍ଷମ ହେବା ସହ ଆତ୍ମନିର୍ଭରଶୀଳ ହେଉଛନ୍ତି । ଝାରପଡ଼ା ଜେଲରେ ଖାଦ୍ୟ

> **ରୋଜଗାର ଟଙ୍କାରେ ଦୁଇ ପିଲାଙ୍କୁ ପଢ଼ାଉଛନ୍ତି ପାଠ**
>
> **ମୁଢ଼ି ୟୁନିଟ୍ ଖୋଲିବା ପରେ ରୋଜଗାରକ୍ଷମ ୪ ମହିଳା**

ପ୍ରକ୍ରିୟାକରଣ ୟୁନିଟ୍‌ରେ କାର୍ଯ୍ୟ କରି କିଏ ପିଲାଙ୍କୁ ପାଠ ପଢ଼ାଉଛି ତ ଆଉ କିଏ ପରିବାର ଚଳାଉଛନ୍ତି । ଏପରିକି ଆଉ କିଛି ମହିଳାଙ୍କ ଆକାଉଣ୍ଟରେ ଟଙ୍କା ଜମା ରହିଛି । ଜେଲରୁ ମୁକୁଳିବା ପରେ ସେଇ ଟଙ୍କା ଖର୍ଚ୍ଚ କରି ଦୀର୍ଘଦିନ ତିଷ୍ଠି ପାରିବେ । ସେଠାରେ ଅଟା, ବେସନ, ହଳଦୀ, ସୋରିଷ ତେଲ ପ୍ରସ୍ତୁତ କରାଯାଉଛି । ଏବେ ମୁଢ଼ି ୟୁନିଟ୍ କାର୍ଯ୍ୟକ୍ଷମ ହେବା ପରେ ସେଥିରେ ୪ଜଣ ମହିଳା କାର୍ଯ୍ୟ କରୁଛନ୍ତି । ଅନ୍ତେବାସୀଙ୍କ ଦ୍ୱାରା ପ୍ରସ୍ତୁତ କରାଯାଉଥିବା ସାମଗ୍ରୀର ଚାହିଦା ଅଧିକ ରହୁଛି । ଏହି ଖାଦ୍ୟ ପ୍ରକ୍ରିୟାକରଣ ଶୁଦ୍ଧତା, ଗୁଣବତ୍ତା ରକ୍ଷା ଦିଗରେ ଅଧିକ ଗୁରୁତ୍ୱ ଦିଆଯାଉଛି । ତେଣୁ ଜେଲ ପରିସରରେ ଏହି ସବୁ ସାମଗ୍ରୀକୁ ବିକ୍ରି କରାଯାଉଛି ।

ସୂଚନାଯୋଗ୍ୟ ଯେ, ଜେଲ ବିଭାଗରେ '୫-ଟି' ଓ ମୋ' ସରକାର ଲାଗୁ ହେବା ପରେ ବଦଳୁଛି କାରାଗାରଗୁଡ଼ିକର ଚେହେରା । ଜେଲ ମାନୁଆଲ ବଦଳିବା ପରେ କଏଦୀଙ୍କ ସ୍ୱାବଲମ୍ବୀ କରିବା ଉପରେ ଜେଲ ବିଭାଗ ଅଧିକ ଗୁରୁତ୍ୱ ଦେଉଛି । ବିଶେଷକରି ମହିଳା କଏଦୀଙ୍କ କ୍ଷେତ୍ରରେ ରୋଜଗାରକୁ ପ୍ରାଧାନ୍ୟ ଦିଆଯାଉଛି । ରାଜ୍ୟର ସମସ୍ତ ଜେଲ ସଂସ୍କାର ବ୍ୟବସ୍ଥା ଆହୁରି ସୁଦୃଢ଼ ହୋଇଛି । ଫଳରେ ଝାରପଡ଼ା ଜେଲ ମହିଳା କଏଦୀଙ୍କ ସ୍ୱାବଲମ୍ବୀ କରି ନୂଆ ଦିଶା ଦେଖାଇଛି ।

### ଝାରପଡ଼ା ଜେଲ୍‌ରେ ମିଳିବ ଏଲ୍‌ଇଡି ବଲ୍‌ବ

ଏଣିକି ଝାରପଡ଼ା ଜେଲ ପରିସରରେ ମିଳିବ ଏଲ୍‌ଇଡି ବଲ୍‌ବ । ଜେଲରେ ରହୁଥିବା ଅନ୍ତେବାସୀଙ୍କ ଦ୍ୱାରା ପ୍ରସ୍ତୁତ କରାଯାଉଥିବା ଏଲ୍‌ଇଡି ବଲ୍ ସମସ୍ତେ କିଣିବେ । ଜେଲ ବାହାରେ ଥିବା ବିକ୍ରୟ କେନ୍ଦ୍ର ସହ ବଜାରରେ ବି ଉପଲବ୍ଧ ହେବ । କେବଳ ବଲ୍ ପ୍ରସ୍ତୁତି ନୁହେଁ ଖରାପ ହୋଇଯାଇଥିବା ବଲବ୍‌କୁ ବି ସଜାଡିବେ । ଖରାପ ବଲ୍‌କୁ ନେଇ ବିକ୍ରୟ କେନ୍ଦ୍ର ଦେବା ପରେ ଅନ୍ତେବାସୀମାନେ ସଜାଡିବେ । ସେହିପରି କଏଦୀଙ୍କ ଦ୍ୱାରା ପ୍ରସ୍ତୁତ ଏଲ୍‌ଇଡି ବଲ୍ ଅନ୍‌ଲାଇନ୍ ମିଳିବ । ଏଥିରେ କଏଦୀମାନେ ସ୍ୱାବଲମ୍ବୀ ହେବା ସହ ରୋଜଗାରକ୍ଷମ ହେବେ । ତାଲିମ୍ ନେଇଥିବା ୩୦ କଏଦୀ ଏହି କାର୍ଯ୍ୟ କରିବେ । ଜେଲରେ ମୁକୁଳିବା ପରେ ଅପରାଧ ଦୁନିଆରେ ପଦ ନ ଥାପି, ଏଲ୍‌ଇଡି ବଲ୍ ପ୍ରସ୍ତୁତ କରିବରା ସହ ସଜାଡ଼ି ରୋଜଗାରକ୍ଷମ ହୋଇପାରିବେ ବୋଲି ଜେଲ କର୍ତ୍ତୃପକ୍ଷ ଆଶା ରଖିଛନ୍ତି ।

## କଳିଙ୍ଗ ଜୈନ୍ ଅଦ୍ୱୈତ ମହାସଂଘର ବୁଦ୍ଧ ଜୟନ୍ତୀ

ଭୁବନେଶ୍ୱର, ୨୭।୫(ସମିସ): କଳିଙ୍ଗ ଜୈନ ଅଦ୍ୱୈତ ମହାସଂଘ ପକ୍ଷରୁ ୨୫୬୮ ତମ ବୁଦ୍ଧ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଆଇଆର୍‌ସି ଭିଲେଜ୍‌ସ୍ଥିତ ମୁଖ୍ୟ କେନ୍ଦ୍ରରେ ଓଡ଼ିଆରେ ଜୈନ ସୂତ୍ର ପାଠ ସହ ଧ୍ୟାନ ଅନୁଷ୍ଠିତ ହୋଇଥିଲା । ସଭାପତିଙ୍କ ଦ୍ୱାରା ପୃଥିବୀର ବିଭିନ୍ନ ଧ୍ୟାନ କେନ୍ଦ୍ର ଓ ଧ୍ୟାନ ପଦ୍ଧତିର ପ୍ରକାର ଭେଦ ବିଷୟରେ ସୂଚନା ଦେଇଥିଲେ । ମୁଖ୍ୟଅତିଥିଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ଦର୍ଶନ ବିଭାଗ ମୁଖ୍ୟ ପ୍ର. ସରୋଜକାନ୍ତ କର କହିଥିଲେ ଯେ ଜୈନ ଧ୍ୟାନ ମାଧ୍ୟମରେ ମାନସିକ ସ୍ଥିରତା ଓ ଶାନ୍ତି ସମ୍ଭବ । ସମ୍ମାନନୀୟ ଅତିଥିଭାବେ ପ୍ରାକ୍ତନ ପ୍ର. ନଳିନୀ ରଞ୍ଜନ ମହାନ୍ତି, ଅନ୍ୟତମ ଅତିଥି ବ୍ରିଗେଡ଼ିଅର ନିରଞ୍ଜନ ଧଳ ଏଥିରେ ଯୋଗ ଦେଇଥିଲେ । ଅନୁଷ୍ଠାନର ସଭାପତି ଡ. ବରିଶ ପାଣିଗ୍ରାହୀଙ୍କ ଦ୍ୱାରା ଲିଖିତ ଇଂରାଜୀ ପୁସ୍ତକ 'ଜୈନ ବୁଦ୍ଧିଜିମ୍ ଆଣ୍ଡ ଅଦ୍ୱୈତ ବେଦାନ୍ତ : ଏ କମ୍ପାରେଟିଭ ଷ୍ଟଡି ଅଫ୍ ହିଷ୍ଟ୍ରି ପ୍ରାକ୍ଟିସ୍' ଲୋକାର୍ପିତ ହୋଇଥିଲା । ବ୍ଲାକ୍ ଇଗଲ ଦ୍ୱାରା ପ୍ରକାଶିତ ଏହି ପୁସ୍ତକ ବିଷୟରେ ସମୀକ୍ଷା କରି ବିଭିନ୍ନ ଦିଗ ବିଷୟରେ ସଚେତନ କରାଇଥିଲେ ପ୍ରାବନ୍ଧିକ ଶଶିଭୂଷଣ ରଥ । ଅନେକ ବୁଦ୍ଧିଜୀବୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।



# ଭୁବନେଶ୍ୱର ସିଟି



■ ବାହାରିନ ପାରା ବ୍ୟାଡ୍‌ମିଣ୍ଟନ

## ଦୀପ୍-ଶୁଭ୍ରଜିତ୍ ଜିତିଲେ ୩ ପଦକ



ଭୁବନେଶ୍ୱର, ୨୭।୫ (ସମିସ): ବାହାରିନ ପାରା ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଓଡ଼ିଶାର ଦୁଇ ଖେଳାଳି ଦୀପ୍ ରଞ୍ଜନ ବିଶୋୟୀ ଓ ଶୁଭ୍ରଜିତ୍ ମହାରଣା ମିଳିତ ଭାବେ ୩ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏସ୍‌ଏଲ୍‌୩ ଓ ଏସ୍‌ଏଲ୍‌୪ ବର୍ଗର ପୁରୁଷ ଯୁଗଳ ଫାଇନାଲରେ ଦୀପ୍ ସ୍ୱର୍ଣ୍ଣ ଓ ଶୁଭ୍ରଜିତ୍ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ମନୋଜ ସରକାରଙ୍କୁ ସାଥୀ କରି ଖେଳିଥିବା ଦୀପରଞ୍ଜନ ଫାଇନାଲରେ ୨୧-୧୫, ୨୩-୨୧ ସିଧାସଳଖ ଗେମ୍‌ରେ ଶୁଭ୍ରଜିତ୍ ଓ ଜଗଦୀଶ ଦିଲି ଯୋଡ଼ିଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଥିଲେ। ସେହିଭଳି ମିଶ୍ରିତ ଯୁଗଳ ଏସ୍‌ଏଲ୍ ୩-ଏସ୍‌ୟୁ୫ ବର୍ଗରେ ଦୀପରଞ୍ଜନ ଓ ତାଙ୍କ ଯୋଡ଼ି ୟୁକ୍ରେନର ଓକସାନା କୋଜ୍ୟନୋ କାଂସ୍ୟ ପଦକ ହାସଲ କରିଥିଲେ।

## ଜାତୀୟ କିକ୍‌ବକ୍ସିଂରେ ଓଡ଼ିଶାକୁ ୧୦ ସ୍ୱର୍ଣ୍ଣ ସହ ୩୩ ପଦକ




ଭୁବନେଶ୍ୱର, ୨୭।୫ (ସମିସ): ପୁଣେର ଶ୍ରୀ ଶିବ ଛତ୍ରପତି ଶିବାଜୀ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଜାତୀୟ ଶିଶୁ ଓ କ୍ୟାଡେଟ୍ କିକ୍‌ବକ୍ସିଂ ଚାମ୍ପିଅନସିପ୍ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶା କିକ୍‌ବକ୍ସିଂ ଟିମ୍ ୩୩ ପଦକ ଜିତିବାରେ ସଫଳ ହୋଇଛି। ଯେଉଁଥିରେ ୧୦ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୧୬ କାଂସ୍ୟ ପଦକ ରହିଛି। ଏହି ସଫଳତା ଲାଗି ଓଡ଼ିଶା ଦଳକୁ ଚାରିଆଡ଼ୁ ଶୁଭେଚ୍ଛାର ସୁଅ ଛୁଟିଛି।

■ ଆନ୍ତଃଜିଲ୍ଲା କନିଷ୍ଠ ବାଳିକା ରଗ୍‌ବୀ

## କିସ୍ ଚାମ୍ପିଅନ, ଜଗତସିଂହପୁର ରନର୍ସଅପ୍



ଭୁବନେଶ୍ୱର, ୨୭।୫ (ସମିସ): ସ୍ଥାନୀୟ କିଟ୍ ରଗ୍‌ବୀ ଷ୍ଟାଡିୟମ୍‌ରେ ଓଡ଼ିଶା ରଗ୍‌ବୀ ଫୁଟବଲ ସଂଘ ଦ୍ୱାରା ନିଖିଳ ଓଡ଼ିଶା ଆନ୍ତଃଜିଲ୍ଲା କନିଷ୍ଠ ବାଳିକା ରଗ୍‌ବୀ ସେଭେନ-ଏ ସାଇଡ୍ ପ୍ରତିଯୋଗିତତା ଉଦ୍‌ଯାପିତ ହୋଇଯାଇଛି। ଏଥିରେ କିସ୍ ରଗ୍‌ବୀ ଦଳ ଚାମ୍ପିଅନ ହୋଇଥିଲାବେଳେ ଜଗତସିଂହପୁର ଜିଲ୍ଲା ରନର୍ସଅପ୍ ହୋଇଛି। କେନ୍ଦୁଝର ଜିଲ୍ଲା ତୃତୀୟ ସ୍ଥାନ ଅଧିକାର କରିଛି। ଖେଳ ଶେଷର ରାଜ୍ୟ ରଗ୍‌ବୀ ସଂଘ ସମ୍ପାଦକ ଉପେନ୍ଦ୍ର ମହାନ୍ତି ମୁଖ୍ୟଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଛନ୍ତି।

## ମନ୍ଦିର ଆଗରୁ ବାଇକ୍ ଚୋରି

ଭୁବନେଶ୍ୱର, ୨୭।୫(ସମିସ): ମନ୍ଦିର ଭିତରକୁ ଦର୍ଶନ କରିବାକୁ ଯାଇଥିବା ବେଳେ ଦୁର୍ବୃତ୍ତ ମନ୍ଦିର ଆଗରୁ ବାଇକ୍ ଚୋରି କରି ନେଇଛନ୍ତି। ଏଭଳି ଘଟଣା ଭରତପୁର ଥାନା ଘାଟିକିଆ ହନୁମାନ ମନ୍ଦିର ଆଗରେ ଦେଖିବାକୁ ମିଳିଛି। ଏନେଇ ଥାନାରେ ଶ୍ରୀକ୍ଷେତ୍ର ବାସୁଦେବ ଓଝା ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁକରି ତଦନ୍ତ କରୁଛି। ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ଅଭିଯୁକ୍ତଙ୍କୁ ଚିହ୍ନଟ କରୁଛି।

### ଅନ୍‌ଲାଇନ ପ୍ଲାଟଫର୍ମରେ ସାହିତ୍ୟ ସଭା

# ଆଭାସୀରେ ସୁକିନ୍ଦାରୁ ସୁଇଜର୍‌ଲ୍ୟାଣ୍ଡ

ଭୁବନେଶ୍ୱର, ୨୭।୫(ସମିସ)

ବଦଳିଛି ସମୟ। ବୈଷୟିକ ଜ୍ଞାନକୌଶଳକୁ ପ୍ରତି କ୍ଷେତ୍ରରେ ଆପଣେଇଛି ମଣିଷ। ନିତିଦିନିଆ ଜୀବନରେ ନୂଆ ନୂଆ ପଦ୍ଧତିକୁ ଅନୁସରଣ କରି ସମୟ ସହ ତାଳ ଦେଇ ଚାଲିଛି। ପଢ଼ିବା, ପଢ଼ାଇବାଠାରୁ ନେଇ ଶୁଣିବା ଶୁଣେଇବା ଯାଏଁ ସବୁର ଢାଞ୍ଚା ବଦଳି ଯାଇଛି ଆପଣାଛାଏଁ। ସବୁକୁ ଗ୍ରହଣ କରିଛି ମଣିଷ। ଏସବୁ ଭିତରେ ଆସର କରିବାର ଶୈଳୀରେ ବି ଆସିଛି ଢେର୍ ପରିବର୍ତ୍ତନ। ସାହିତ୍ୟ ସଭା ଏବେ ନୂଆ ଠିକଣା ଖୋଜି ପାଇଛି। ଅନ୍‌ଲାଇନରେ ହସ, କାନ୍ଦ ଆବେଗର ସୁଅ ଛୁଟୁଛି। ସୁକିନ୍ଦାରୁ ସୁଇଜରଲାଣ୍ଡ ଯାଏଁ କ୍ଷଣିକରେ ନିଜ କଥା ପହଞ୍ଚାଇ ପାରୁଛି ଏ ପିଢ଼ିର ମଣିଷ। ଭାବର ଆଦାନପ୍ରଦାନ ସାଙ୍ଗକୁ ସମାଜ ସହ ସାହିତ୍ୟର ଅବଦାନକୁ ଆଲୋଚନା କରିବାରେ ସଫଳ ହେଉଛନ୍ତି ତରୁଣ ପିଢ଼ି। ସେ ସମୟର ଖୋଲା ମଞ୍ଚ ଏବେ ଅନ୍‌ଲାଇନ୍ ପ୍ଲାଟଫର୍ମରେ ପହଞ୍ଚିଲାଣି।

କରୋନା ପରଠାରୁ ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଥିଲା। ସେହି ସମୟରେ କେହି ଘରୁ ନ ବାହାରିବା ଫଳରେ ଅନ୍‌ଲାଇନ୍ ପ୍ଲାଟଫର୍ମ ମାଧ୍ୟମରେ ପରସ୍ପର ସହ ଯୋଡ଼ି ହୋଇ ପାରିଥିଲେ। ଧୀରେ ଧୀରେ ଏହାର ଆବଶ୍ୟକତା ମଧ୍ୟ ବଢ଼ିବାକୁ ଲାଗିଲା। ସେ ଶିକ୍ଷା କ୍ଷେତ୍ରରେ ହେଉ କି ଚାକିରି କିମ୍ବା ସାହିତ୍ୟ ସବୁଠି ଅନ୍‌ଲାଇନ୍ ପ୍ଲାଟଫର୍ମ ବିଭିନ୍ନ ସ୍ଥାନ ତଥା ବିଦେଶରେ ରହୁଥିବା ସମ୍ପର୍କୀୟ, ସାଙ୍ଗସାଥୀଙ୍କୁ ମଧ୍ୟ ଯୋଡ଼ିବାରେ ବ୍ୟାପକ ଭୂମିକା ଗ୍ରହଣ କରିଥିଲା। ପୂର୍ବରୁ ବିଭିନ୍ନ ସଭାଗୃହରେ ଅନୁଷ୍ଠିତ ହେଉଥିବା ଗଳ୍ପ ଓ କବିତା ଆସର ମଧ୍ୟ ତାର ଠିକଣା ବଦଳାଇ ଏବେ ଅନ୍‌ଲାଇନ୍‌ରେ ହେଲାଣି। ଏପରିକି ଅନ୍‌ଲାଇନ୍ ପତ୍ରିକା ମଧ୍ୟ ବାହାରୁଛି। ସୃଜନୀ, ଗୋଦାବରୀଶ ସାହିତ୍ୟ ସଂସଦ ଓ ଆଜିର ସୃଜନୀ ସାହିତ୍ୟ ଆଦି ଅନୁଷ୍ଠାନ ପକ୍ଷରୁ ଅନ୍‌ଲାଇନ୍‌ରେ ବିଭିନ୍ନ ସମୟରେ ସାହିତ୍ୟ ଆସର ଆୟୋଜିତ ହେଉଛି। ଏବେ ସାହିତ୍ୟ କ୍ଷେତ୍ରରେ ଅନୁଭୂତି କହିବା ଏବଂ ଲେଖିବାର ମଧ୍ୟ ଶୈଳୀରେ ପରିବର୍ତ୍ତନ ଦେଖାଦେଇଛି।



ସାହିତ୍ୟ ଆଲୋଚନାରେ ଯୋଡ଼ିହେଉଛନ୍ତି ବିଦେଶରେ ରହୁଥିବା ସାହିତ୍ୟପ୍ରେମୀ

ଏହା ଫଳରେ ବିଦେଶ ତଥା ଅନ୍ୟ ରାଜ୍ୟରେ ରହୁଥିବା ସାହିତ୍ୟପ୍ରେମୀ ମଧ୍ୟ ଏହା ସହାୟତାରେ ଯୋଡ଼ି ହୋଇ ସାହିତ୍ୟ ଚର୍ଚ୍ଚାରେ ସାମିଲ ହୋଇ ପାରୁଛନ୍ତି। କବିତା ପାଠ ଓ ଗଳ୍ପର ଆଲୋଚନାରେ ଭାଗ ନେଉଛନ୍ତି। ପ୍ରତିଲିପି, ୟୋରକୋର୍ଟ ଏପରି କିଛି ଆପ୍ ଭଳି ରାଇଟିଂ ଆପ୍‌ର ବ୍ୟବହାର ବଢ଼ିଛି। ଲେଖିବା ପାଇଁ ଅର୍ଥରାଶିର ପ୍ରୋତ୍ସାହନ ମିଳୁଛି। ସହଜରେ ଲୋକ ପଢ଼ି ପାରୁଛନ୍ତି। ପ୍ରତିଯୋଗିତାରେ ଭାଗ ନେଇ ପ୍ରେରଣା ବି ପାଉଛନ୍ତି। ହେଲେ ଏହି ପ୍ଲାଟଫର୍ମରେ ଏକ ବଡ଼ ଅସୁବିଧା ବି ପରିଲକ୍ଷିତ ହେଉଛି ବୋଲି କବିତା ଆସରରେ ଭାଗ ନେଉଥିବା କିଛି ସାହିତ୍ୟ ପ୍ରେମୀ ମତ ଦେଉଛନ୍ତି। ତାଙ୍କ କହିବା ଅନୁଯାୟୀ ଅନଲାଇନରେ ଆସର ଆୟୋଜନ ଫଳରେ ଉପସ୍ଥିତି ତ ରହୁଛି ହେଲେ ଅନ୍ତରଙ୍ଗତା ରହୁନି ଏଥିରେ। କାରଣ ଏକ ସଭାଗୃହରେ ଆୟୋଜନ ଫଳରେ କିଛି ଦିନ ପୂର୍ବରୁ ତା ପାଇଁ ଆଲୋଚନା ହୁଏ, ଦେଖା ସାକ୍ଷାତ ହୁଏ ଯାହା ଦ୍ୱାରା ପରସ୍ପର ସହ ଏକ ବ୍ୟକ୍ତିଗତ ସମ୍ପର୍କ ତିଆରି ହୁଏ, ହେଲେ ଏଥିରେ ସେସବୁ ହୋଇ ପାରୁନି। ଆଉ କିଛି ବରିଷ୍ଠ କବି, ଲେଖକ ବା ଆଲୋଚକ ଏବେବି ଟେକ୍ନୋଲୋଜି ସହ ଜଡିତ ନାହାନ୍ତି। ତେଣୁ ଅନ୍‌ଲାଇନ୍ ଯୋଗେ ଏହା ସମ୍ପୂର୍ଣ୍ଣ ସଫଳ ହୋଇପାରୁନି। ସବୁ ସ୍ତରର ଲେଖକ ବା କବି ଦେଖା ହୋଇ ତର୍କ ବିତର୍କ କରି ପାରୁ ନାହାନ୍ତି। ସବୁବେଳେ ଦେଖା ହୋଇ ଭାବର ଯେଉଁ ଆଦାନ ପ୍ରଦାନ ହୁଏ ସେଥିରେ ବାଧା ସୃଷ୍ଟି ହେଉଛି। ମୋବାଇଲ ଯୋଗେ ଏସବୁ ହେଲେ ସଭାରେ ଅନ୍ତରର ଭାଷା ଆସିପାରୁନି ବୋଲି ଅନେକ ମତ ଦେଇଛନ୍ତି।

> ଏହି ପ୍ଲାଟଫର୍ମ ବିଦେଶରେ ରହୁଥିବା ଓଡ଼ିଆ ସାହିତ୍ୟପ୍ରେମୀଙ୍କୁ ଏକା ସହ ଯୋଡ଼ିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ହେଲେ ଏଥିରେ ଏକ ଅସୁବିଧା ହେଉଛି ଭାବର ଆଦାନ ପ୍ରଦାନ ହୋଇପାରୁନାହିଁ। ଉପସ୍ଥିତି ଅଛି ସତ କିନ୍ତୁ ଅନ୍ତରଙ୍ଗତା ନାହିଁ।
>
> **କେଦାର ମିଶ୍ର, ସାହିତ୍ୟିକ/ସାମ୍ବାଦିକ**

> କୋଭିଡ୍ ପରଠାରୁ ହିଁ ଏହି ଅନ୍‌ଲାଇନ୍ ପ୍ଲାଟଫର୍ମର ବ୍ୟବହାର ହେଲା। ବିଭିନ୍ନ ସ୍ଥାନରେ ରହି ମଧ୍ୟ ଲୋକ କବିତା ପାଠ, ବିଭିନ୍ନ ପ୍ରସଙ୍ଗରେ ଆଲାଚନାରେ ଭାଗ ନେଇ ପାରିଲେ। ମୁଁ ନିଜେ କାନାଡାରେ ରହି ଯେଉଁ ସବୁ ସାହିତ୍ୟ ଆସର ଆଭାସୀରେ ଆୟୋଜିତ ହେଉଛି ସେଥିରେ ଯୋଡ଼ିହେବାର ସୁଯୋଗ ପାଉଛି। ହେଲେ ଏଥିରେ ଅନ୍ତରର ସେ ଭାଷା ଆସୁନି। ଯେମିତି ଗୋଟିଏ ସଭାକୁ ଯାଇ କବିତା କି ଗଳ୍ପ ପଢ଼ିଲେ ଲାଗେ।
>
> **ଡ. ସୁନନ୍ଦା ମିଶ୍ର ପଣ୍ଡା,**
> ପ୍ରକାଶିକା/ଲେଖିକା ତଥା ସମାଜସେବୀ, ଟରୋଣ୍ଟୋ, କାନାଡ଼ା

## ବରିଷ୍ଠ ନାଗରିକ ମଞ୍ଚର ମାଗଣା ସ୍ୱାସ୍ଥ୍ୟ ଶିବିର

ଭୁବନେଶ୍ୱର, ୨୭।୫(ସମିସ): ଭିଏସ୍‌ଏସ୍ ନଗର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବରିଷ୍ଠ ନାଗରିକ ଭବନରେ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରରେ ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ସମ୍ପାଦକ ଇଂ ସୁରେଶ ଚନ୍ଦ୍ର କର ଡାକ୍ତର ଡି. ପି ଶର୍ମାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉଦ୍‌ଘାଟନ ଉତ୍ସବରେ ସ୍ଥାନୀୟ ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା, ଦୁର୍ଗାପୂଜା ସମିତିର ସାଧାରଣ ସମ୍ପାଦକ ଶତଳ ଚନ୍ଦ୍ର ମହାନ୍ତି, ଭୁବନେଶ୍ୱର ମନ୍ଦିର କମିଟିର ସାଧାରଣ ସମ୍ପାଦକ ପ୍ରତାପ ନନ୍ଦ ଯୋଗଦେଇଥିଲେ। ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଭ୍ରମରବର ପ୍ରଧାନ, ଶଶି ଭୂଷଣ ଦାସ, ଧରଣୀଧର ରାଉତ, ଗୌରୀଶଙ୍କର ପ୍ରହରାଜ, ଶୋଭାକର ଦାସପଟ୍ଟନାୟକ ଓ କେଆରଏସ୍ ଗ୍ରୁପର ଅନ୍ତର୍ଯ୍ୟାମୀ ପାଣିଗ୍ରାହୀ ପ୍ରମୁଖ ରହି ଶିବିରକୁ ପରିଚାଳନା କରିଥିଲେ।

## 'ନୀତିନିଷ୍ଠ ଜୀବନ ଉତ୍ତରଣର ମାର୍ଗ ଦେଖାଏ'

ଭୁବନେଶ୍ୱର, ୨୭।୫(ସମିସ): ଡାକ୍ତର କବି ପ୍ରସାଦ ମିଶ୍ର ସ୍ମୃତି ପରିଷଦ ପକ୍ଷରୁ ପୁରୁଣା ବସଷ୍ଟାଣ୍ଡ ନିକଟସ୍ଥ ଓଡ଼ିଶା ଲେଖକ ସମବାୟ ସମିତି ଠାରେ ସ୍ମୃତିସଭା ଓ ମାସିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ରମାକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଡ.ରାଜେନ୍ଦ୍ର କୁମାର ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଡ. ଆରତି କରଙ୍କ ସମେତ ସନ୍ଧ୍ୟାରାଣୀ ଶତପଥୀ, ବିରଜା ପ୍ରସାଦ ଶତପଥୀ, ତାରେଶ୍ୱର ତ୍ରିପାଠୀ ପ୍ରମୁଖ ଯୋଗଦେଇ ଡ. ମିଶ୍ରଙ୍କ ବହୁମୁଖୀ ବ୍ୟକ୍ତିତ୍ୱ ଓ ସମାଜକୁ ତାଙ୍କର ଅବଦାନ ଉପରେ ଆଲୋକପାତ କରିଥିଲେ। ତାଙ୍କ ଅନୁସୃତ ଏକ ନୀତିନିଷ୍ଠ ଜୀବନ ପ୍ରଣାଳୀ ଓ ଆଧ୍ୟାତ୍ମିକତା ଜୀବନରେ ଉତ୍ତରଣ ପାଇଁ ସହାୟକ ହୋଇଥାଏ ବୋଲି ମତପ୍ରକାଶ ପାଇଥିଲା। ଏହି ଅବସରରେ ଡ. ଆରତି କର, ଉପେନ୍ଦ୍ର ଭଞ୍ଜଙ୍କ ବୈଦେହୀଶ ବିଳାସର ନବମ ଛାନ୍ଦ ଉପରେ ଆଲୋଚନା କରିଥିଲେ। ଶେଷରେ କୈଳାସ ଚନ୍ଦ୍ର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

■ ଓୟୁଏଟିରେ ଗବେଷଣା ଓ ସମ୍ପ୍ରସାରଣ ପରିଷଦ ବୈଠକ

## ଫସଲର ଗୁଣବତ୍ତା ବୃଦ୍ଧି ପାଇଁ ଗବେଷଣା ଲୋଡ଼ା




ଭୁବନେଶ୍ୱର, ୨୭।୫(ସମିସ)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି) ରେ ରାଜ୍ୟସ୍ତରୀୟ ଗବେଷଣା ଓ ସମ୍ପ୍ରସାରଣ ପରିଷଦ ବୈଠକ ସୋମବାର ଆରମ୍ଭ ହୋଇଛି। ଉଦ୍‌ଘାଟନୀ ସମାରୋହରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃଷିକ୍ଷେତ୍ରକୁ ବିକଶିତ କରିବା ପାଇଁ ବିଭିନ୍ନ କାର୍ଯ୍ୟ ଖସଡ଼ା ସମ୍ପର୍କରେ ଆଲୋଚନା କରିଛନ୍ତି। ସମ୍ମାନିତ ଅତିଥି ଭାବେ ଆଇସିଆର୍-ସିଫାର ନିର୍ଦ୍ଦେଶକ ପ୍ରଫେସର ପ୍ରମୋଦ କୁମାର ସାହୁ ଯୋଗଦେଇ ଫସଲର ଗୁଣବତ୍ତା ବୃଦ୍ଧି ସମ୍ପର୍କରେ ଅଧିକ ଗବେଷଣା ଆବଶ୍ୟକ ବୋଲି କହିଛନ୍ତି। ଉଦ୍‌ଘାଟନୀ ସମାରୋହରେ ପୌରାହିତ୍ୟ କରି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ କହିଛନ୍ତି, ଗବେଷଣା ଓ ସମ୍ପ୍ରସାରଣରୁ କୃଷି କ୍ଷେତ୍ର ପାଇଁ ବିଭିନ୍ନ ଉପାଦାନ ମିଳିପାରୁଛି। ୩ ଦିନି ଧରି ଚାଲିଥିବା ଏହି ବୈଠକରେ ବିଶ୍ୱବିଦ୍ୟାଳୟ ଓ କୃଷି ପାଇଁ ବିଶେଷଜ୍ଞ ଏବଂ ଅଭିଜ୍ଞ ବ୍ୟକ୍ତିଙ୍କ ମତାମତ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରଫେସର ସଂଗ୍ରାମ କେଶରୀ ସ୍ୱାଇଁ ସ୍ୱାଗତ ଅଭିଭାଷଣ ଦେଇଛନ୍ତି। ସେହିପରି କୃଷି ସମ୍ପ୍ରସାରଣ ଓ ଶିକ୍ଷା ନିର୍ଦ୍ଦେଶାଳୟର ଅଧ୍ୟକ୍ଷ ପ୍ରଫେସର୍ ପ୍ରସନ୍‌ଜିତ ମିଶ୍ର ଡ୍ରୋନ୍ ଟେକ୍ନୋଲୋଜି, ପ୍ରାକୃତିକ କୃଷି, ସମ୍ପ୍ରସାରଣ ସେବା ମାଧ୍ୟମରେ ତାଲିମ, ପରୀକ୍ଷଣ ଓ କ୍ଷେତ୍ର ପ୍ରଦର୍ଶନ ଆଦି ବିଷୟରେ ଆଲୋକପାତ କରିଛନ୍ତି।

## ଫାଓ ପକ୍ଷରୁ ଛେତ୍ରୀଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୭।୫ (ସମିସ): ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ସୋମବାର ଭାରତୀୟ ଦଳର ଅଧିନାୟକ ସୁନିଲ ଛେତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଭାରତୀୟ ଫୁଟ୍‌ବଲକୁ ଅତୁଳନୀୟ ଅବଦାନ ଲାଗି ଛେତ୍ରିଙ୍କୁ ଉତ୍ତରୀୟ ଓ ପ୍ରଭୁ ଜଗନ୍ନାଥଙ୍କ ଏକ ପ୍ରତିମୂର୍ତ୍ତି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଜୁନ ୬ରେ କୁଏତ୍ ବିପକ୍ଷ ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଖେଳିବା ଲାଗି ଭାରତୀୟ ଫୁଟ୍‌ବଲ ଦଳ ଗତ ସପ୍ତାହେ ହେବ ବର୍ତ୍ତମାନ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ



ଅଭ୍ୟାସ ଜାରି ରଖିଛି। ଓଡ଼ିଶା ମାଟିରେ ଅଭ୍ୟାସ କରୁଥିବାବେଳେ ୩୯ ବର୍ଷୀୟ ଛେତ୍ରୀ ସମସ୍ତଙ୍କୁ ଚକିତ କରି ହଠାତ୍ ଗତ ୧୫ରେ ଅବସର ଘୋଷଣା କରିଥିଲେ। ସୋମବାର ସମ୍ବର୍ଦ୍ଧନା ଅବସରରେ ଫାଓ କୋଷାଧ୍ୟକ୍ଷ ଭକ୍ତବଲ୍ଲଭ ଦାସ, ଯୁଗ୍ମ ସମ୍ପାଦକ ଅଭିଜିତ୍ ପାଲ୍, ବିଶ୍ୱରଞ୍ଜନ ଘଡ଼େଇ, ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏସନ ସାଧାରଣ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ଫାଓ ସଦସ୍ୟ ଶିବବ୍ରତ ମଲ୍ଲିକ, ହୃଷିକେଶ ବେହେରା, ଫିଫା ଏକାଡେମୀ ମ୍ୟାନେଜର ସୁନିଲ ମିତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

### ରୋଗିଣା ସ୍ୱାମୀ ଓ ପରିବାର ଚିନ୍ତାରେ ସୁମିତ୍ରା

# ରାସ୍ତାକଡ଼ରେ ଅଣ୍ଡା ବିକିଲେ ଚଳୁଛି ସଂସାର

ଭୁବନେଶ୍ୱର, ୨୭।୫(ସମିସ)




ରୋଗିଣା ସ୍ୱାମୀଙ୍କ ଚିକିତ୍ସା, ପିଲାଙ୍କ ପାଠପଢ଼ା ସାଙ୍ଗକୁ ପରିବାରର ଚଳଣି ପାଇଁ ଦିନରାତି ଚିନ୍ତାରେ ଭାଙ୍ଗିପଡୁଛନ୍ତି ସୁମିତ୍ରା। ରୋଜଗାର କରିବାକୁ କୌଣସି ରାସ୍ତା ଦେଖାଯାଉନାହିଁ। ଏପରି ସ୍ଥିତିରେ ଖଣ୍ଡଗିରି ଛକ ନିକଟ ରାସ୍ତାକଡ଼ରେ ଅଣ୍ଡା ବିକି ସଂସାର ଚଳାଉଛନ୍ତି। ତିନି ମାସ ତଳେ ସେ ସ୍ୱାମୀ ବୁଲୁ ଦାସଙ୍କ ସହ ବଡ଼ ଝିଅ ଓ ସାନ ପୁଅକୁ ନେଇ ରାଜଧାନୀ ଆସିଥିଲେ। ସ୍ୱାମୀଙ୍କ ମେରୁଦଣ୍ଡ ହାଡ଼ ଦବି ଯାଇଥିବାରୁ ଡାକ୍ତରଙ୍କ ପରାମର୍ଶରେ ଅପରେସନ ପାଇଁ ଧାର୍ ଉଧାର କରି ଯାହା କିଛି ଆଣିଥିଲେ। ଏହା ବ୍ୟତୀତ ଯାହା କିଛି ସଞ୍ଚିତ ଅର୍ଥ ମଧ୍ୟ ଖର୍ଚ୍ଚ କରିଥିଲେ ଚିକିତ୍ସାରେ। ମାଗଣାରେ ଅପରେସନ ହୋଇଥିଲା। ହେଲେ ତା' ପରବର୍ତ୍ତୀ ଖର୍ଚ୍ଚ ଉଠାଇବାରେ ସେତକ ସରିଯାଇଥିଲା। ଫଳରେ ପରିବାର ଲୋକଙ୍କ ଖାଇବା ପିଇବା ସହ ଔଷଧ ଖର୍ଚ୍ଚ ଉଠାଇବା ପାଇଁ କୌଣସି ଅର୍ଥ ନଥିବାରୁ ସେ ଅଣ୍ଡା ବିକ୍ରି କରୁଛନ୍ତି। ଅର୍ଥାଭାବରୁ ସୁମିତ୍ରା ତାଙ୍କ ପରିବାରକୁ ନେଇ ଆଉ ଘରକୁ ଯାଇପାରୁ ନାହାନ୍ତି। କାନ୍ଧରେ ପିଲା ଛୁଆଙ୍କ ପାଠ ପଢ଼ା ଖର୍ଚ୍ଚ ଓ ସ୍ୱାମୀଙ୍କ ଔଷଧର ଚିନ୍ତା ତାଙ୍କୁ ରାସ୍ତା କଡରେ ଠେଲା ଲଗାଇ ଅଣ୍ଡା ସିଝା ବିକ୍ରି କରିବାକୁ ବାଧ୍ୟ କରିଛି। ଦିନକୁ ୩୦ଟି ଅଣ୍ଡା ସିଝା ଧରି ସୁମିତ୍ରା ଗ୍ରାହକଙ୍କୁ ଚାହିଁ ବସିଥାନ୍ତି। କାହିଁ କେତେବେଳେ ଗୋଟେ ଯୋଡ଼େ ଗ୍ରାହକ ମିଳିଲେ ମିଳନ୍ତି ନ ହେଲେ ସେମିତି ସଞ୍ଜରୁ ରାତି ପାହିଯାଏ। ଏ ନେଇ ସେ କୁହନ୍ତି ଅପରେସନରେ ଯାହା ଯେତିକି ଖର୍ଚ୍ଚ ହେବା କଥା ହୋଇଯାଇଛି। ହେଲେ ଏବେ ବାକି ଔଷଧ ଖର୍ଚ୍ଚ ଓ ପିଲାଙ୍କ ପାଠପଢ଼ା ପାଇଁ ଅର୍ଥ ବାଧକ ସାଜିଛି। ପ୍ରତି ୧୫ ଦିନରେ ଥରେ ଚେକ୍‌ଅପ ପାଇଁ ନେବାକୁ ପଡୁଛି। ଅର୍ଥାଭାବ ଯୋଗୁଁ ତାଙ୍କୁ ଦିନରେ ଗେଷ୍ଟ ହାଉସ୍‌ରେ ଯାଇ ଲୁଗା ସଫା କରିବାକୁ ପଡୁଛି ଓ ସନ୍ଧ୍ୟା ସମୟରେ ଅଣ୍ଡା ବିକ୍ରି କରି ଖର୍ଚ୍ଚ ତୁଲାଉଛନ୍ତି। ବଡ଼ ଝିଅର ମାଟ୍ରିକ୍ ପରୀକ୍ଷା ସରିଥିବାରୁ ଏବେ ସେ ତାଙ୍କ ସହ ଠେଲାରେ ସାହାଯ୍ୟ କରୁଛି। ଏ ନେଇ କେଉଁଠୁ କିଛି ସହାୟତା ମିଳିଲେ ତାଙ୍କ କାନ୍ଧରେ ଥିବା ବୋଝ ଟିକେ ହାଲୁକା ହୁଅନ୍ତା ବୋଲି ସେ କୁହନ୍ତି।

## ବିଏମ୍ ହାଇସ୍କୁଲ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୭।୫(ସମିସ): ବିଏମ୍ ହାଇସ୍କୁଲରେ ସମୁଦାୟ ୧୯୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେଥି ମଧ୍ୟରୁ ୧୯୮ ଜଣ ପାସ୍ ହୋଇଛନ୍ତି। ସେଥିମଧ୍ୟରୁ ଏ-୨ରେ ୧୩ଜଣ, ବି-୧ରେ ୩୧ଜଣ, ବି-୨ରେ ୨୯ଜଣ, ସିରେ ୫୧ଜଣ, ଇରେ ୩୨ଜଣ ରହିଛନ୍ତି। ଶୁଭଶ୍ରୀ ଲେଙ୍କା ୫୫୧ନମ୍ବରରେ ଶତକଡ଼ା ୯୨ନମ୍ବର ରଖିଥିବା ବେଳେ ଶୁଭଶ୍ରୀ ବେହେରା ୫୫୦ନମ୍ବରରେ ଶତକଡ଼ା ୯୦ଭାଗ ନମ୍ବର ରଖି ଉଭୟ ଗୌରବ ଆଣିଛନ୍ତି। ଏଥିପାଇଁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଅତିଥି ଭାବେ ପୁରାତନ ଛାତ୍ର ଡ଼. ଲିଙ୍ଗରାଜ ସାହୁ ଓ ବିଦ୍ୟାଳୟ ପରିଚାଳଣା କମିଟି ସଭାପତି ଲକ୍ଷ୍ମଣ ବାରିକ୍ ଉପସ୍ଥିତ ରହି ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡ ପ୍ରଭାତ କୁମାର ରଥ, ଜାନକୀ ବଲ୍ଲଭ ମିଶ୍ର, , ବିଶ୍ୱଜିତା ମିଶ୍ର, ଅନ୍ନପୂର୍ଣ୍ଣା ଦାଶ, ମିତ୍ର ରଞ୍ଜନ ଦାଶ, ରଶ୍ମିତା ସାହୁ, ଦମୟନ୍ତି ବେହେରା, ଇତିଶ୍ରୀ ଆରଧନା, ମଧୁଲିତା ବେହେରା, ଧରିତ୍ରୀ ଦାଶ, ରଶ୍ମିତା ମହାନ୍ତି, ଅପରାଜିତା ସାହୁ, ମିନାକ୍ଷି ପଟ୍ଟନାୟକ, ଆକାଙ୍କ୍ଷା ତିପାଠୀ, ମନୋରମା ମୁଦୁଲି ପ୍ରଭୃତି ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



